ISSN 2976-9329

# ସୃଜନ
# SRUJAN
## The Creativity Journal



**2024, Volume 4, Issue 2**

ISSN 2976-9329

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Mr Pravat Ranjan Beura
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Prof Tanmay Panda
Dr Aloke Patnaik
Prof Prasanta Kumar Panda

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Distinguished reviewers**
Padarabinda Rath
Naresh Chandra Sahoo

**Creative Support**
Shreyan Kar
GenX studios

**Administrative support**
Gaye Johnson

**Publisher:** The Institute of Insight, UK
**Place of publication:** Epsom, London, UK
**Contact:** Srujan, 60 Highfield Drive, Epsom, KT19 0AP, London, UK
**Sponsor:** Quality of Life Research and Development Foundation (QoLReF)
**Submit articles at:** srujan.journal@gmail.com

Copyright of all published material in this journal is held by the authors. Articles are open-access, distributed under the terms [CC BY-NC] which permits unrestricted use, distribution, and reproduction in any medium, provided the original author and source are credited. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2024, Volume 4, Issue 2

# Contents


| | | |
|---|---|---|
| କାଳୀ ଚରଣ ପଟ୍ଟନାୟକ | ଢେଙ୍କା ବର | 1 |
| **Prasanta Kumar Panda** | **Manipur mourns** | **4** |
| | **Freedom and home together** | **5** |
| | **Touchstone reader** | **6** |
| ଜ୍ୟୋତିଶଙ୍କର ମିଶ୍ର | ଝିଅ ବିଦା ପରେ | 7 |
| | ଝିଅ ବିଦା ଆଗରୁ | 8 |
| | ଝିଅ ସବୁବେଳେ | 9 |
| ମୋନାଲିସା ଜେନା | ଅପାତ୍ର | 10 |
| ସୁଶାନ୍ତ ଶେଖର ଦାଶ | ଚିଠି | 16 |
| | ଦୁଃଖ | 17 |
| | ପିତା | 18 |
| | ଉଡ଼ାଣ | 19 |
| **Bijay Biswaal** | **Temples of Odisha** | **20** |
| **Sarat Chandra Rath** | **Future** | **27** |
| *Translated by Nilamadhab Kar* | **Invitation** | **28** |
| | **After the storm settled** | **29** |
| ପ୍ରଭାତ ରଞ୍ଜନ ବେହୁରା | ବନ୍ଦନୀୟା କୈକେୟୀ | 30 |
| ଅଜୟ କୁମାର ମିଶ୍ର | ଆମ ଚାଷ ଉପକରଣ | 38 |
| ଅଲେଖ ନନ୍ଦୀ | ଗଣତନ୍ତ୍ର- ଆମର ସୃଷ୍ଟି | 49 |
| | ବଡ଼ିମା | 50 |
| | ମାନବ ଧର୍ମ | 51 |
| ଜ୍ୟୋତ୍ସ୍ନା ମିଶ୍ର | ବନ୍ଧା ପଡ଼ିଛି ଏ ଜୀବନ | 53 |
| | କବିତା | 54 |
| | ଅଦିନିଆ ବର୍ଷା | 55 |
| କୁଞ୍ଜ ବିହାରୀ ସାହୁ | ଫଗୁଣ ଆସିଛି | 56 |
| | ଜଟିଆ ଅଜା | 57 |
| | ବନ୍ଧୁତାରେ ବିଷ | 58 |
| ରଞ୍ଜିତ କୁମାର ସାହୁ | ପ୍ରେମର ଆକାର ୧ : କେନ୍ଦ୍ରବିନ୍ଦୁ | 59 |

| | | |
|---|---|---|
| | ପ୍ରେମର ଆକାର ୨ : ବୃତ୍ତ | **60** |
| | ପ୍ରେମର ଆକାର ୩: ତ୍ରିକୋଣ | **61** |
| ବିଜୟଲକ୍ଷ୍ମୀ ପଟ୍ଟନାୟକ | ପ୍ରଣୟର ନିଧୁବନ | **62** |
| | ଏଇ ସେଇ ପ୍ରଥମ ବସନ୍ତ | **63** |
| | ପ୍ରିୟ କବି | **64** |
| ମିନାକ୍ଷୀ ଦ୍ୱିବେଦୀ | ଆମ ଭାଷା ଆମ ବୈଚିତ୍ର୍ୟ | **65** |
| | ସବୁଜ ବଳୟ ହଟାଏ ପ୍ରଳୟ | **66** |
| | ଚୁକ୍ତି | **67** |
| ରମେଶ ଚନ୍ଦ୍ର ନାୟକ | ପାଣିରେ ପାଣି | **69** |
| | ଛୋଟ ଛୁଆ | **70** |
| | ଆସ ସାଥୀ | **71** |
| ବିଶ୍ୱନାଥ କର | ଜୀବନ ତ ନଈଟିଏ | **72** |
| | ବାଟ କ'ଣ କେବେ ସରେ | **73** |
| | ରେ ପଥିକ ଅଟକି ଯାଅନି | **74** |
| ଜୟଶ୍ରୀ ନନ୍ଦ | ପଖାଳଖିଆ ଜଗାକାଳିଆ | **76** |
| | ଅଦେଖା ସମ୍ରାଟ | **78** |
| | ଭାବର ଠାକୁର | **79** |
| **Saroj Kar** | **Emotions** | **80** |
| | **Book Review** | |
| ଅଜୟ କୁମାର ମିଶ୍ର | ଲୁପ୍ତପ୍ରାୟ ଲୋକସଂସ୍କୃତି | **89** |
| | **Cover page** | |
| **Saroj Kar** | | |




## Invitation of articles for Srujan: The Creativity Journal

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

Articles (‘poem, short story, art, and other creative forms’) are invited for the Srujan: The Creativity Journal. Please send your selected articles only. Submit one article at a time; for poems you can send 3 small poems. Do not send essays and critiques.

This is a multi-lingual journal accepting creative articles of translations from and to Odia from different languages; along with article from Odia people writing in other languages.

Selection of all the submitted articles is done by a peer group, except the invited ones.

Please refer to the ‘Instruction to authors’ for more information about submission. All the articles should be submitted in Word file, (Unicode font, preferably Kalinga), author’s name, address (place and state/country), bio in 100 words, email are essential. Submit to the email below.

The article should be the authors’ own creation. Authors will remain responsible for any conflicts about their submission. Editorial board or the publishers will not have any liability.

Submit at: srujan.journal@gmail.com

---

## ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା', ‘କ୍ଷୁଦ୍ରଗଳ୍ପ’, ‘ଚିତ୍ରକଳା’, ‘ଆଲୋକଚିତ୍ର’ ଓ ଅନ୍ୟ ସର୍ଜନଶୀଳ ଲେଖା ପଠାଇପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ-ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ ।

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍‌ରେ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ୍ ଠିକଣାରେ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

ଲେଖା ପଠାଇବା ପାଇଁ ଇମେଲ୍: srujan.journal@gmail.com

---

**Instruction to authors is given at the end of this issue.**

---

***For further information please contact the*** Srujan Editorial Board:
srujan.journal@gmail.com OR srujan@instituteofinsight.org

The Institute of Insight, UK: theinstituteofinsight@gmail.com

Quality of Life Research and Development Foundation (QoLReF), qolref@gmail.com

# ଚେକା ବର

Srujan ISSN 2976-9329

## କାଳୀ ଚରଣ ପଟ୍ଟନାୟକ

ଝଙ୍କା ମେଲି ଗାଆଁ ମୁଣ୍ଡେ ଥାଉ ଚେକା ବର,
ଜଟା ପରି ଓହଳିଛି ଓହଳ ତାହାର ।
ପାଠ ପଢ଼ି ରାମ ନିତି ସେ ବାଟେ ଆସଇ
ଦିନକରେ ଗଛକୁ ସେ ଚାହିଁ ପଚାରଇ -
"ଆଇ କହେ - ଗଛ ତୁମେ ବହୁକାଳ ବୁଢ଼ା,
କାହିଁକି ଭୂଇଁରେ ଲୋଟେ ତୁମ ଡାଳଗୁଡ଼ା ?
ଡେଙ୍ଗାରେ ନ ବଢ଼ି ହେଲ ଝାମ୍ପୁଡ଼ା କାହିଁକି ?
ଡାଳକୁ ତୁମର ଏବେ ସଳଖି ଦେବିକି ?"
ହସି କହେ ଚେକାବର, "ଗଲାଣି ସେ କାଳ
ପିଲାରୁ ସଳଖିଥିଲେ ମିଳିଥାନ୍ତା ଫଳ ।
ବଙ୍କା ସିଧା ଡେଙ୍ଗା ଗେଡ଼ା ଯାହା ତୁମ ମନ
ସବୁ ହୋଇପାରିଥାନ୍ତା ଥିଲି ଯେବେ ସାନ ।
ମୁଣ୍ଡ ମୋର ଟପିଥାନ୍ତା ଏଇ ଯେ ପାହାଡ଼
ବୁଢ଼ାକାଳେ ସଳଖିଲେ ଭାଙ୍ଗିଯିବ ହାଡ଼
ବଡ଼ ଯେବେ ହେବ ବାପା ମୋ ବୋଲଟି ମାନ
ଏଇ ପିଲାଦିନୁ ପାଠେ ଦେଇଥାଅ ମନ ।
ଏ ବୟସ ନ ମିଳିବ ଆଉ ଝୁରି ହେଲେ,
ଯାହା ଶିଖିଥିବ ବାବୁ ! ଏଇ ସାନ ବେଳେ ।"
ଓଓଓ

**[Pearls from the Stars – ଓଡ଼ିଶା ମାଟିର ଉଜ୍ଜ୍ୱଳ ନକ୍ଷତ୍ରଙ୍କ କୃତିର ପୁନଃ ଉପସ୍ଥାପନା ।**
ସଂଗ୍ରାହକ: ହରିଶ ଚନ୍ଦ୍ର କର**]**



କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ଜନ୍ମ ୨୩ ଡିସେମ୍ବର, ୧୮୯୮, ବଡ଼ମ୍ବାରେ । ବିଶିଷ୍ଟ ନାଟ୍ୟକାର ଓ ସଙ୍ଗୀତଜ୍ଞ ରୂପେ ୧୯୨୬-୨୭ରେ ପୁରୀର ଗଜପତି ରାଜାଙ୍କଠାରୁ 'କବିଚନ୍ଦ୍ର' ଉପାଧି ପାଇଥିଲେ । ଓଡ଼ିଆ ରଙ୍ଗମଞ୍ଚର ରୂପ ପରିବର୍ତ୍ତନ, ନାଟ୍ୟମଞ୍ଚର ପ୍ରଥମ ନାରୀଶିଳ୍ପୀ ଗ୍ରହଣ । ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସମ୍ବନ୍ଧୀୟ ପୁସ୍ତକ ରଚନା ଓ ପରିପ୍ରଚାର ତାଙ୍କୁ ସ୍ମରଣୀୟ କରି ରଖିଛି । ଓଡିଶୀ ସଙ୍ଗୀତ ଓ ନାଟକରେ ନୂତନ ଉତ୍ସାହ ସୃଷ୍ଟି ପାଇଁ ରାସଲୀଳା ଗଠନ । ପରେ ପରେ ସାମାଜିକ ଓ ଇତିହାସ ଉପରେ ଆଧାରିତ ନାଟକ ସବୁ ମଞ୍ଚସ୍ଥ କରିବାରେ ମନୋନିବେଶ । ନିଉ ଓଡ଼ିଶା ଥିଏଟର ଗଠନ ।

ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତରେ ଶିକ୍ଷା ଓ ରୁଚି । ଉତ୍କଳ ଦୀପିକା, ମୁକୁର ଓ ପୁରୀବାସୀ ଆଦି ପ୍ରକାଶନରେ କାମ ।

ନୃତ୍ୟ ନାଟିକା: କଳଙ୍କ ଭଞ୍ଜନ, ଦାରିଦ୍ର୍ୟ ଭଞ୍ଜନ, ମିଳନ ମାଧୁରୀ, ଶ୍ରୀ ରାଧା, ବାଂସୁରୀର ବିଳାପ, ଶ୍ରୀ ଗୀତ ଗୋବିନ୍ଦ, ପ୍ରୀତି ସୁଧାକର, ଲକ୍ଷ୍ମୀ, କୌତୁକ ଚିନ୍ତାମଣୀ, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ମାନିନୀ, ଆଖିର ଦେଖା, ଦେହି ପଦପଲ୍ଲବ ମୁଦାରଂ ।

ପୌରାଣିକ ନାଟକ: ଧ୍ରୁବ, ମୃଗୟା, ବନ ବିହାର, ବିଦ୍ୟାବଳୀ, ଶକୁନ୍ତଳା, ହରିଶ୍ଚନ୍ଦ୍ର, ଚକ୍ରୀ, ଦଶଭୂଜା ।

ଐତିହାସିକ ନାଟକ; ଅଭିଯାନ, ମାଳତୀ, ରକ୍ତ ମନ୍ଦାର ।

ଅନ୍ୟ ରଚନାବଳୀ: ଭାତ, ଅଭିଯାନ, ଜୟଦେବ, କଳାହାଣ୍ଡିଆ ମେଘ, ସଙ୍ଗୀତ ନାରାୟଣ, କବିସୂର୍ଯ୍ୟ ଗୀତାବଳୀ ଏବଂ ବହୁ ଶିଶୁ କବିତା ଓ ସଙ୍ଗୀତ ।

କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଦ୍ୱାରା ନୃତ୍ୟ ସଙ୍ଗୀତ ନାଟକ ପାଇଁ ଫେଲୋଶିପ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ଉପାଧି ପ୍ରାପ୍ତ ।

References

https://en.wikipedia.org/wiki/Kalicharan_Pattnaik
ସ୍ମୃତି ବିଚିତ୍ରା, ହରିଶ୍ ଚନ୍ଦ୍ର କର, ୨୦୧୫

# Manipur mourns

Srujan ISSN 2976-9329

## Prasanta Kumar Panda

Flowers refuse to bloom
In curfew ridden gardens,
Smell of melting metal flows
Over the streets
To run over by screams of raped women
Whining for their lost honour
And pain forced into them
By beasts of ethnicism.

Morning comes to show
Bloodstains on uniforms
Of soldiers,
Of boys and girls hiding
In home yard bunkers,
From behind the sand bags
They watched glow-worms all night
To stare at morning Sun of impregnated horror.

Ice cream bites refuse to melt
In the mouth of children,
When screeching sirens tear the air
And bullets rip the tin sheds of pleasure,
Tiny tots used to play under.

Bones of healing laughter
Now chill the flesh of indented pleasure
Hearts sit tight to each other
If they belong to same blood
With tags Meiteies and Kukies
Separately though.

Manipur mourns
Every morning,
The bus of peace has not reached
Any nearby bus stop,
Which both communities can
Ride to school and work
Together

# Freedom and home together

Srujan ISSN 2976-9329

## Prasanta Kumar Panda

Tree was happy and listening
Birds asked in unison,
Are you sure
We are happy together?

The tree answered:
I’m happy
Just because you’re free yet here.
I feel freedom in your songs
I live freedom when you breathe
The air of my being a happy shelter.

I’ve no right to set you free
Nor have I right to bring you back if you
Don’t want to come.

With a bond of happiness
We’re free together.

∞∞∞

# Touchstone reader

Srujan ISSN 2976-9329

## Prasanta Kumar Panda

When you're touched by my words
Dear reader
And shiver a little in pleasure,
Or shocked on awakening to a new emotion
My mind blushes in response to that
That ecstasy of yours.

Gathers composure quickly enough
Just to show enough tenacity
My being a poet of stature
Can ward off your humble appreciation
As a routine matter.

Yet my honest heart frowns in irritation
In some tender hiccups;
I'd prefer to remain touched for long
Because you're touched my dear reader,
In a perennial stupor.
∞∞∞

**Prof. Prasanta Kumar Panda** is a faculty of Indian Institute of Technology of Banaras Hindu University, Varanasi. He has the distinction of publishing specialized papers in diverse areas of Professional Communication, Technical Writing, Literary Theory and Creative Writing. He is honorary Editor-in-Chief of Nuances: A journal of Humanistic Enquiry. He is in the advisory board of Platform: A Bi-Lingual Magazine Based on Literature and Culture and IOSR Journals of Humanities and Social Sciences. He writes poems in English and has two volumes to his credit, titled: Confused Confessions and A Blueprint of Retrospections.

# ଝିଅ ବିଦା ପରେ

SRUJAN The Creativity Journal
Srujan ISSN 2976-9329

## ଜ୍ୟୋତିଶଙ୍କର ମିଶ୍ର

ଝିଅ, ତୋ ଲୁହ
ବନ୍ୟା ପରି ବ୍ୟାପି ଯାଏ
ମୋ ଛାତି ସାରା
ସ୍ମୃତି ସବୁ ସାଉଁଟୁ ସାଉଁଟୁ
ମୁଁ ଚାଲିଯାଏ
ତୋ ପିଲା ଦିନ ଆଡ଼େ...
କିଛି ଗୋଟେ ଟାଣ କରି
କହିଦେଲେ
ତୁ ଲୁହ ଝରାଉ
ମୁହଁ ଫୁଲାଉ
ରୁଷି ବସୁ
ତାପରେ ମୁଁ ବହଲାଏ
ଆଉ କିଛି କହିବିନି ବୋଲି
କେତେ କହେ
ତୁ ବୁଝି ଯାଉ...
ଏବେ କିନ୍ତୁ
ଓଦା ହେଇ ଯାଉଛି
ତୋ ଲୁହରେ,
ଛାତି ସାରା ଲୁହ ମୋର
ତୋରି ଲୁହ...
ସେଠି ଥାଇ ତୁ ମୋତେ ଖୋଜୁଛୁ
ଖୁସିରେ ଥିଲେ ବି ଝୁରୁଛୁ
ସେମାନଙ୍କ ପାଖେ ହସୁଛୁ
ଖାଲି ମୋ'ରି ଆଖିରେ
କାନ୍ଦୁଛୁ...
ଏବେ ସେମାନେ ସବୁ ତୋର...
ଏମିତି ଖୁସି ବାଣ୍ଟୁଥିବୁ
ଲୁହ ପୋଛୁଥିବୁ
ଟାଣ କଥା କହିବୁନି କିଛି
ଆଉ ମନକୁ ନବୁନି
ଟାଣ କଥା କା'ର
ମୁଁ ପରା ଅଛି...
କୋହ ଯେତେ ଢାଳିଦେଇ ଯିବୁ
ଏଠିକି ଆସିଲେ
ମୁଁ ଭରିନେବି
ମୋ ଅଞ୍ଜୁଳାରେ
ପିଇଯିବି ସବୁ
ସାଇତି ରଖିବି ଛାତିରେ
ଆଖିରେ ଆଉ
ମୋ ଶିରା ପ୍ରଶିରାରେ...
ଟାଣ କଥା କିଛି
କହିବାକୁ ଥିଲେ
ମୋତେ କହିଯିବୁ
ସେ କଥା ମୋର ସମ୍ପତ୍ତି
ସେଥିରେ ଖାଲି ମୋ
ଅଧିକାର
ତୋ ଶାଶୁଙ୍କ ନୁହେଁ କି
ଶଶୁରଙ୍କ ନୁହେଁ
ଏ ସଂସାର ସାରା କାହାରି ନୁହେଁ
ତୋ ଅଭିମାନ ତୋ ରାଗ ରୁଷା
ଏସବୁ ବି ମୋର
ମୋତେ ଦେଇଯିବୁ
ଯେବେବି ଆସିବୁ..
ଖୁସିର ପସରାସବୁ

ସେ ଘରେ ଢାଳିବୁ
ମହୁ ଭରିଦେବୁ
ଜାଣନ୍ତୁ ସେମାନେ
ଦେଇଛି ମୁଁ ଯୌତୁକରେ...
କେତେ ଖୁସିର ପସରା
ମହୁର କଳସୀ
ଦେଇଛି ମୁଁ ଯୌତୁକରେ...

ꝏꝏꝏ

# ଝିଅ ବିଦା ଆଗରୁ

Srujan ISSN 2976-9329



## ଜ୍ୟୋତିଶଙ୍କର ମିଶ୍ର



ଝିଅ ଲୋ,
କେତେ ଖୁଣ ଥିଲା
ତୋ ରଙ୍ଗରେ
ତୋ ଗଢ଼ଣରେ
ତୋ ବେଶଭୂଷା
ଆଉ ତୋ ସ୍ୱପ୍ନ
ଦେଖିବାରେ...
କେତେ ଲୋକ ଆସିଲେ ଆଉ
ଗଲେ
ଯାହା ହଉ ଚିହ୍ନେଇ ଦେଲେ
ମୋ ଝିଅକୁ ମୋତେ...
ମୁଁ ଖାଲିଟାରେ ଯାହା ଭାବୁଥିଲି
ତୁ ରୂପର ଗୁଣର ବୋଲି
ପାଠୋଇ ବୋଲି ଆଉ
ଏକବାର ଗେହ୍ଲୀ ବୋଲି...
ହେଲେ ସେମାନେ ସବୁ
ମନା କରିଦେଲେ...
ତାପରେ ଆସିଲେ ସିଏ
କହିଲେ ବୋହୂ ନୁହେଁ
ଝିଅ କରି ନେବେ
ବାପା ଡାକ ଶୁଣିବେ
ଯୌତୁକ ନୁହେଁ
ଧନ ନେବେ
ମୋ ଧନ..
ବେଦୀରେ ତୁ ବସିଲୁ
ପାଣି ବୁଲେଇ ଟେକି ଦେଲି
ତୋତେ...
ଥରୁଥିଲା ଦେହ ଭିତରଟା
ଆଖି ଡୋଳାଟା ତରଳୁ ଥିଲା..
ମୁଁ କାନ୍ଦିଲି ଭିତରେ ଭିତରେ
ତୁ ମୋ ଛାତିରେ ମୁଣ୍ଡ ପିଟିପିଟି..
ସେ ନେଇ ଗଲେ
ପୁଅ ବୋହୂଙ୍କୁ
ଆଦରରେ, ଯତ୍ନରେ ଆଉ
ମୋଠୁ ଅଧିକା
ତାଙ୍କ ଗେହ୍ଲାରେ !!

ꝏꝏꝏ

# ଝିଅ ସବୁବେଳେ

Srujan ISSN 2976-9329

**ଜ୍ୟୋତିଶଙ୍କର ମିଶ୍ର**

ଝିଅ ଲୋ,
ତୋ ସ୍ୱରରେ କାହିଁ ମୋତେ
ଗୀତ ଶୁଭେ
ତୋ ଚାଲିରେ ନାଚ ଦିଶେ
ତୁ ଚିଡ଼ିଚିଡ଼ି ହେଲେ ମୋତେ
ଶୁଭେ ବୀଣା ପରି
ଆଉ ତୁ ଗେହ୍ଲେଇ ହେଲେ ଲାଗେ
ଅମୃତ ମଣୋହି ପରି...
ତାଲୁଠୁ ତଳିପା ତୋର
ତୁଳା ପରି
ହେଲେ ଶିଳା ପରି ତୋ
ଶକ୍ତି, ତୋ ସାହସ ଆଉ
ତୋ ସଂକଳ୍ପ...
ଅଟକେଇଲେ ତୁ ଝଡ଼
ଛାଡ଼ିଦେଲେ ତୁ ଝର
ତୋ ସାଥେ ଚାଲିଲେ
ତୁ ପ୍ରଭଞ୍ଜନୀ
ତୋ ସାଥେ ଲଢ଼ିଲେ
ତୁ ଦର୍ପ ଦଳିନୀ...
ସହଜ ତୋ ହସ
ସହଜ ତୋ ଲୁହ
ହେଲେ ସହଜ ନୁହେଁ
ତୋ ଜୀବନ ଜିଇଁବା..
ହସି ହସି
ଆଖି ଲୁହ ପିଇବା..
ତୋତେ କିଛି ଦେଇଛି
କି ଦେଇନି, ଜାଣିନି
ହେଲେ ପାଇଛି, ପାଉଛି
ଆଉ ପାଉଥିବି
ଜୀବନସାରା, ପ୍ରତି ମୁହୂର୍ତ୍ତରେ...

ꝏꝏꝏ

**ଜ୍ୟୋତିଶଙ୍କର ମିଶ୍ର** ମୁଖ୍ୟତଃ ଗପ ଲେଖନ୍ତି ଓ କୁହନ୍ତି । କଟକ ବିଦ୍ୟାପୁରୀ ପକ୍ଷରୁ ତାଙ୍କର ଏକମାତ୍ର ଗଳ୍ପ ସଙ୍କଳନ "ଘର କଥା" ପ୍ରକାଶିତ । ୟୁଟ୍ୟୁବ୍ ମାଧ୍ୟମରେ ସେ ତାଙ୍କ ରଚିତ ଗପ ପରିବେଷଣ କରନ୍ତି । ସେ କବିତା ତଥା ଏକାଙ୍କିକା ବି ଲେଖନ୍ତି । ଆଗରୁ ଆକାଶବାଣୀ, କଟକରେ ଉପସ୍ଥାପନା କରୁଥିବା ସେ, ଏବେ ଜଣେ ବ୍ୟାଙ୍କ୍ ଅଧିକାରୀ । ଚୌଦ୍ୱାରରେ ତାଙ୍କ ଘର ।

# ଅପାତ୍ର

SRUJAN
The Creativity Journal
Srujan ISSN 2976-9329

## ମୋନାଲିସା ଜେନା

"ପୁଅ ଫେରିବ - ହେଲେ ମୋର ଅସହାୟତାକୁ ସେ କ'ଣ କେବେ ବୁଝିବ ?  କେତେ ପୂଜାପାଠ କଲା ପରେ ଯାଇ ପୁଅ ପାଇଥିଲି । ଦି' ଝିଅ ପରେ କୋଳକୁ ଆସିଥିଲା। ଏତେ ସୁଂଦର ପିଲାଟେ, ଯିଏ ଦେଖୁଥିଲା କୋଳେଇ ନେଉଥିଲା । ସମସ୍ତଂକର ନୟନମଣି । ଅଥଚ ସେଇ ପୁଅ ବଡ଼ ହେଲା ପରେ କେତେ ବଦଳିଗଲା ? କିଛି  ବୁଝିଲାନି, କେବଳ  ସ୍ତ୍ରୀ ହେଲା ନିଜର, ଆମେ ସମସ୍ତେ ପର...!"  ଲୁହ ପୋଛିଲେ ସୁବର୍ଣ୍ଣର ବୋଉ।

ସୁବର୍ଣ୍ଣ କିଛି କହେନି କେବେ ବି । ବାପା ବଂଚିଥିଲାବେଳେ ମୁହଁ ଖୋଲିନି କୋଉଦିନ । କହନ୍ତି ଏତେ ସୁଧାର ହେଲେ କେମିତି ଚଳିବୁ ଦୁନିଆରେ ?

ସତକଥା । ସେ ଚଳିପାରୁନଥିଲା ପ୍ରଥମେ । ବହୁତ ଧନସମ୍ପତ୍ତି ଦେଇ ବାହା ଦେଇଥିଲେ ସତ, ମାତ୍ର ବାପା ବି ତାର ମନକୁ ପୂରା  ବୁଝିପାରିଥିଲେ କୋଉଠି ?  ଜୋଇଁ କେବଳ ଶୋଇବାକୁ ଆସନ୍ତି, ପଦେ କଥା କହନ୍ତିନି କେତେବେଳେ । ବୋଝ ଉପରେ ନଳିତା ବିଡ଼ା ପରି ତା'ର ନଣନ୍ଦ ବି ତା' ମନ ଖରାପବେଳେ ଆହୁରି ଉଲୁଗୁଣା ଦିଅନ୍ତି ଦି'ଚାରି କଥା ଶୁଣାଇଦେଇ । କୁହୁଳା ନିଆଁକୁ କୁଟା ପକାଇଲା ଭଳି ଶାଶୂଙ୍କ ରୋଷାଗ୍ନିକୁ ତେଜିଦେବାକୁ ଇନ୍ଧନ ଦିଅନ୍ତି । ଏମିତି ଅବସ୍ଥା ଚାଲିଥିଲା ଭିତରେ ଦୁଇଟା ପିଲା ଆସିଗଲେ କୋଡ଼ିଏ ବାଇଶବର୍ଷରେ । ତାପରେ ଆଉ କଣ ଜୀବନ ବଦଳେ ?

ଦିନେ ମାନସିକ ଅତ୍ୟାଚାରଠାରୁ ବଳିଗଲା ଶାରୀରିକ ଯନ୍ତ୍ରଣା । ଯେତେବେଳେ ପିଲା ହେବାର ଥାଏ ସେ ଚାଲି ଆସୁଥିଲା ବାପଘର । ଏଠି ତାକୁ କିଏ ଭଲ ନପାଏ ? ଆଦରରେ ବାପା ତାକୁ ପାଖରେ ବସେଇ କେତେ କଥା କହନ୍ତି । ତାଂକର ଜୀବନସଂଗ୍ରାମର କଥା ସେସବୁ । ସେତେବେଳେ ତା'ର ହୃଦ୍‌ବୋଧ ହୁଏ ଯେ ତା'  ନିଜର ପାରିବାରିକ ଦୁଃଖସବୁ ନିହାତି ମାମୁଲି, ସଚରାଚର ଘଟେ ଆଉ ଗୋଟେ ନିର୍ଦ୍ଦିଷ୍ଟ ସମୟସୀମାର ଅନ୍ତର୍ଭୁକ୍ତ ସେସବୁ କେବଳ । ଜୀବନ ସବୁବେଳେ ଚିହ୍ନାଛନ୍ଦରେ ତ ଗତି କରେନି, ନିଜକୁ ସାହସ ଠୁଳେଇ ଆଗେଇଯିବାକୁ  ହୁଏ ।

ଦିନେ ତାର ଶାଶୂଶ୍ୱଶୁର ତାର ବାକ୍ସପତ୍ର ଉଠାଇ ବାହାରେ ଫୋପାଡ଼ିଦେଲେ । ତାକୁ ଧକ୍କା ଦେଇ ଘରୁ ତଡ଼ିଦେଲେ । ପିଲା ଦିଟାଂକୁ ଧରି ସେ ଅନେକ ରାତିଯାଏଁ ଛିଡ଼ା ହେଇଥିଲା ରାସ୍ତାକଡ଼ରେ । ସେତେବେଳେ ଏଇ ଭାଇ ତାକୁ ନେବାକୁ ଆସିଥିଲା । କେତେ ସାନ ତା'ଠୁଁ ।  ସ୍କୁଲର ଫାଇନାଲ ବର୍ଷ ସେବର୍ଷ ।

ଦୁଇବର୍ଷକାଳ ସେ ବାପଘରେ ରହିଥିଲା ଆସି । କାହାର ଅଭିଯୋଗ ନାହିଁ କିଛି । ବାପା ଇଂଜିନିୟର ତେଣୁ ବେଶ୍ ସ୍ୱଚ୍ଛଳ ଅବସ୍ଥା । ଏଠି ପିଲାମାନେ କିନ୍ତୁ ବାପାକୁ ଖୋଜନ୍ତି ଆଉ ସିଏ ବି ମନେମନେ ସ୍ୱାମୀର କଥା ମନେ ପକାଏ । ତାକୁ ଏକୁଟିଆ ଲାଗେ ।

ଏମିତି ଗଡ଼ିଚାଲୁଥିଲା ଚିରାଚରିତ ଜୀବନଚକ୍ର । ଦିନେ ତାର ଶାଶୂ ଆସି ପହଞ୍ଚିଗଲେ ହଠାତ୍ । ବୁଝାବୁଝିକରି ଘରକୁ ନେବାକୁ ଚାହିଁଲେ । କଥା କ'ଣ ? କଥାରୁ ଜଣାପଡ଼ିଲା ଯେ ଆଗକୁ ଝିଅର ବାହାଘର ହେବ । ଲୋକେ କଣ କହିବେ ?

ଅସଲରେ କାମର ଭାର ସମ୍ଭାଳି ନେବାକୁ ସୁଧାର ବୋହୂଟିଏ ପାଖରେ ଥିଲେ ସବୁକାମ ସୁରୁଖୁରୁରେ ହେବ । ପୁଅ ବି ବାହାର ସଂପର୍କଗୁଡ଼ିକରେ ଆର୍ଥିକଭାବେ ସର୍ବସ୍ୱାନ୍ତ ହେଇ ଘରମୁଁହା । ଏତିକିବେଳେ ଘରେ ସ୍ତ୍ରୀ ଥିଲେ ଜୀବନ ମଧୁମୟ ।

କହନ୍ତି, ଜୀବନ ବୁଝାମଣାରେ ଚାଲେ । ବାପଘରେ ରହିଲେ ବି ସେ ଘର ଆଉ ତାକୁ ନିଜର ନିଜର ଲାଗେନି, ମାଡ଼ିପଡ଼େ । ରୋଷେଇଠାରୁ ବାସନମଜାଯାଏ ଯେତେ ଯାହାସବୁ ଜଂଜାଳ ତୁଲାଇନେଲେ ବି ସେ ଯେ ବାପଘରେ ପଡ଼ିରହିଛି, ସାଇପଡ଼ିଶା ସ୍ତ୍ରୀଲୋକଙ୍କଠୁ ଏଇ ଅପବାଦ ବି ସହିବାକୁ ପଡ଼େ । ସୁତରାଂ ସ୍ୱାମୀର ଘର ଶ୍ରେୟ ।

ସୁବର୍ଣ୍ଣ ଜାଣେ ବୋଉ ସବୁବେଳେ ଏମିତି । ଏକପାଖିଆ । ସବୁ କହିବ ସିନା, ହେଲେ ପୁଅ ପ୍ରତି ଅଂଧ ସବୁବେଳେ । ପୁଅ ଯେତେବେଳେ ରଶ୍ମିତାକୁ ବାହାହେବ କହିଲା, ବୋଉ ରାଜିହେଇଥିଲା ବିନା ପ୍ରଶ୍ନରେ । ଲୋକେ ପରେ ଜଣେଇଲେ - ବୋହୂର ମା ନିଜର ସ୍ୱାମୀକୁ ନିଜେ ମାରି ପୋତି ଦେଇଥିଲା ! ବର୍ଷେ ଥିଲା ଚାକିରି । ଅଫିସରେ ପହଂଚି ସ୍ୱାମୀ କୁଆଡ଼େ ପଳେଇଛି କହି ଅନୁକଂପା ଆଦାୟ କରିବା ସହିତ ଦରମା ଟଂକାତକ ବି ମାସକୁମାସ ବେଶ୍ ଆରାମ୍‌ରେ ନେଇଆସୁଥିଲା । ଦିନେ ସ୍ୱାମୀଂକର ମୃତ୍ୟୁ ଘଟିଯାଇଛି ଦର୍ଶାଇ ତାଂକ ସ୍ଥାନରେ ଚାକିରି ପାଇଥିଲା । ସେଇ ମା'ର ଝିଅକୁ ହୁସିୟାର ରହିବେ ବୋଲି ସେମାନେ ଚେତାଇ ଦେଇଥିଲେ ।

ସୁଂଦରୀ, ମିଷ୍ଟଭାଷିଣୀ ବୋହୂ ବି କେଉଁଠି ଘରେ ରହିଲା ? ବାହାଘରକୁ ବର୍ଷେ ନପୂରୁଣୁ ପୁଅବୋହୂ ଆମେରିକା ଚାଲିଗଲେ । ଦିହେଁ ଉଚ୍ଚ ଶିକ୍ଷିତ ତେଣୁ ଚାକିରି ପାଇବା କଷ୍ଟ ନୁହେଁ । ତେବେ ଯିବା ପୂର୍ବରୁ ଜମିଟାକୁ ବିକ୍ରି କରିଦେବାଟା କ'ଣ ନିହାତି ଜରୁରି ଥିଲା ? ସେତେବେଳେ ବାପା ବିରୋଧ କରୁଥିଲେ । କିନ୍ତୁ ବୋଉ ବୁଝାଇଦେଲା ଆମର ଗୋଟିଏ ବୋଲି ପୁଅ, ଏମିତି କଲେ ଆମର ମୁଁହକୁ ଚାହିଁବନି ଆଉ ।

ପରେ ଖବର ପାଇଲେ - ସେଇ ଟଂକାରେ ସେମାନେ କିନ୍ତୁ ଭୁବନେଶ୍ୱରରେ ଗୋଟେ ଫ୍ଲାଟ କିଣି ଦେଇଥିଲେ । କିଣାଯାଇଥିଲା ରଶ୍ମିତା ନାଁରେ । ନିଜସ୍ୱ ଭୂସଂପତ୍ତିର ମୂଳଦୁଆ ପଡ଼ିବା ଆରମ୍ଭ ହୋଇଥିଲା ପୁଅବୋହୂଙ୍କର ।

ବିଦେଶରେ ରହିଲା ପରେ କିଛିମାସ ସେମାନେ ଆଦୌ ଯୋଗାଯୋଗ ରଖିଲେ ନାହିଁ । ଏପରିକି ବର୍ଷକ ବାଦ୍ ବାପାଂକର ଦେହାନ୍ତ ଖବର ପାଇ ସୁଦ୍ଧା ଆସିଲେ ନାହିଁ । ମୁଖାଗ୍ନି ତ ଦିଆସରିଛି, ପୁଣି ଆମେରିକାରୁ ଆସିବାକୁ ପଇସାଖର୍ଚ୍ଚର ଅଯଥା କଷ୍ଟ କରିବେ କାହିଁକି ଭାବି ଅଟକି ରହିଗଲେ । ଆସିଲେ ନାହିଁ ଆଉ । ସେମାନଂକର ଭଲମଂଦର ଖବର ସମୁଦୁଣୀ ଜଣାନ୍ତି ।

ବର୍ଷରେ ଛ'ମାସ ଏବେ ସମୁଦୁଣୀ ଆମେରିକାରେ ଝିଅଘରେ ରହନ୍ତି । ହେଲେ ନିଜର ପୁଅଟା କେବେ ଡାକିନି ତାଂକୁ ! ସ୍ୱାମୀ ବଂଚିଥିବାବେଳେ ସୁବର୍ଣ୍ଣର ବୋଉ କେତେଥର ପୁଅକୁ ଘରକୁ ଆସିବାକୁ ଡାକିଥିବେ । ପୁଅ କିନ୍ତୁ କହେ - ତମେମାନେ ଏଠିକୁ ଆସି ବୁଲି ଚାଲିଯାଅ, କେବେ ଇଚ୍ଛାହେଲେ ।

ସେ କହନ୍ତି - ତୋର ପିଲାପିଲି ହେଲେ ସିନା ଯିବା ! ଏଠି ବାପା'ମାମାନେ ସମସ୍ତେ ଯାଆନ୍ତି ଛୁଆ ଧରିବାକୁ । ମୋ ସ୍କୁଲର ସବୁଠୁ ଓଲୀ ତୋର ସବିତା ମାଉସୀ ବି ଦି'ଥର ଯାଇ ଫେରି ଆସିଲାଣି ।

ପୁଅ କହେ - ସେସବୁ ପୁରୁଣାକାଳିଆ କଥା ମତେ କହିବନି, ଦୁନିଆ କୋଉଠୁ ଯାଇ କୋଉଠି ପହଂଚିଲାଣି । ଏବେ ଆମେ ଦିହେଁ ବ୍ୟସ୍ତ, ନିଜର ଘରବାଡ଼ି ନକରି ପରିବାର ବଢ଼େଇ ହେବନି ।

ବାହାଘରର ଚାରିବର୍ଷ ଚାଲିଗଲାଣି । ପିଲାଟେ ହେଇଥିଲେ ଚଢ଼େଇପରି ସ୍ୱର ଶୁଣୁଥାନ୍ତେ । ପୁଅର ସ୍ୱର ଗମ୍ଭୀର, ବୋହୂର କଥା ଧାତବ-ଆନ୍ତରିକତାର ଲେଶମାତ୍ର ସ୍ପର୍ଶ ନାହିଁ କାହାରି ଆଚାର ଆଚରଣରେ । ମନ ମାରି ରହିଯାଆନ୍ତି ସେ ।

ଦିନେ ଆମେରିକାରୁ ଫେରି ସମୁଦୁଣୀ ଭେଟିବାକୁ ଆସିଲେ, କହିଲେ - ମୋର ଗୋଟିଏ ବୋଲି ଝିଅ, ବ୍ରାହ୍ମଣ ଘରର ରୂପବତୀ ଗୁଣବତୀ ଝିଅ । ତାର ଭାଗ୍ୟ ଉଜାଡ଼ି ଦେଲେ ଆପଣ ? ତାଂକରିଠାରୁ ଯାଇ ସେ ଜାଣିଲେ ଯେ ପୁଅର ଲିଭର ସମସ୍ୟା, ଗୁରୁତର ହେଲାଣି । ଯେମିତି ଅକାଳ ଚଡ଼କ ପଡ଼ିଲା ! ଏଠୁ ମା' ଆଉ ଭଉଣୀ ଫୋନ୍ କଲେ - ତୁ ଏଠିକୁ ଚାଲିଆ । ସେଠି ତୋତେ ଦେଖିବାକୁ ଲୋକବଳ ନାହିଁ । ଏମିତିରେ ତ ଅଫିସ ଯିବା ଅବସ୍ଥାରେ ନାହୁଁ । ଏଠି ସବୁ ଚିହ୍ନାପରିଚିତ, ସୁବିଧା ହେବ ।

ମାତ୍ର ପୁଅର କେମିତି ଗୋଟେ ଅନିଚ୍ଛାର ସ୍ୱର ଶୁଣିଲେ କେବଳ ସୁବର୍ଣ୍ଣର ବୋଉ - ମୋର ସଂସାର କହିଲେ ରଶ୍ମିତା, ତାକୁ ନନେଇ ଯିବାର ପ୍ରଶ୍ନ ହିଁ ଉଠୁନି । ଏଠି ସେ ମୋଠାରୁ ଯଥେଷ୍ଟ ଆଗୁଆ । ପରିବାର ତାକୁ ନେଇ ଗର୍ବ କରିବା ଉଚିତ ।

ଦିନେ ବୋହୂର ବିରଳ ଫୋନ୍ ଆସିଲା - ଆପଣଂକର ପୁଅର କିଡ୍‌ନୀ ଖରାପ ହେଇଯାଇଛି । ଡାଏଲିସିସରେ ରଖିବାକୁ ପଡ଼ିବ । ଆମର ଦରମା ସରିଯାଉଛି । ଏଠି ପ୍ରଚୁର ଖର୍ଚ୍ଚ ହେଉଛି । ମୁଁ ପାରୁନାହିଁ । ଆପଣ ଟଂକା ପଠାନ୍ତୁ । ନହେଲେ ମୋତେ ବାଧହେଇ ଅନ୍ୟ ସହରରେ ଚାକିରି କରିବାକୁ ହେବ । ଏଠି ଲୋକ ରଖି ରୋଗୀର ଚିକିତ୍ସାଭାର ତୁଲାଇବା ଆଉ ସମ୍ଭବ ହେଉନି ।

ପୁଅର ଜୀବନମରଣ ସମସ୍ୟା ଯେତେବେଳେ, ସମ୍ପତ୍ତି ରଖି କି ଲାଭ ? ବ୍ୟାଂକରେ ଯାହା ଥିଲା ପୁଅ ଆକାଉଣ୍ଟକୁ ପଠେଇଦେଲେ । ପେନସନ ଟଂକା ଯେତିକି ମିଳୁଛି, ଚଳିଯିବ ବରଂ ତାଂକର ସେତିକିରେ ।

ପୁଅ କହିଲା - ମୁଁ ତୋ ପାଖକୁ ଆସିପାରିବିନି ବୋଉ ! ଏଠି ବହୁତ ବଡ଼ ଡାକ୍ତର, ତା' ସାଙ୍ଗକୁ ରଶ୍ମିତା ବି ପାରିବାର ବେଶ୍ । ସବୁ ତୁଲେଇ ନେଉଛି ଏକାଏକା । କେବଳ ମୋର ରୋଗ ପାଇଁ ଆମେ ସର୍ବସ୍ୱାନ୍ତ ହେଇ ସାରିଲୁଣି ।

ବୋଉ ଏକାଏକା କାନ୍ଦନ୍ତି, ପୁଅ ପଇସା ମାଗି ଚାଲିଛି ବୋଲି ନୁହେଁ, ସେ ଦେଶକୁ ନଫେରିବାକୁ କହୁଛି – ଏଇଥିପାଇଁ । ପେଟରୁ କାଟି ବଡ଼ କୋଠାଟେ ତୋଳେଇଥିଲେ, ଜମି କିଣି ପକେଇଥିଲେ ଯେମିତି ପୁଅ ତାଂକର ଅଭାବ କ'ଣ କେବେ ନ'ଜାଣୁ । ତଅପୋଈର ମନ ନଭାଂଗୁ ବୋଲି ଯେମିତି ସାତବୋଇତର ସାଧବବାପା ଭାଂଗିଯାଇଥିଲେ ଗଢ଼େଇଦେବି, ହଜିଯାଇଥିଲେ ଖୋଜିଆଣିବି କହିଲାବେଳେ ସେ ସୁନାର ଚାନ୍ଦ ମାଗିବାରୁ ଶେଷକୁ ସର୍ବସ୍ୱାନ୍ତ ହେଇଗଲେ ପରିବାରଟା ଯାକ, ସେମିତି ସବୁ ଇଚ୍ଛାପୂରଣ ପରେ ବି ଆହୁରି ଇଚ୍ଛା ବାକି ରହିଯାଉଛି ପୁଅର ।

ଜଣେ ପରିଚିତ ଭଦ୍ରବ୍ୟକ୍ତି ଆମେରିକା ଗଲେ ନିଜର ଝିଅଜୋଇଁଙ୍କ ପାଖକୁ, ଆସିଲେ ପାଞ୍ଚମାସ ପରେ । ସେ ହିଁ ଆସି କହିଲେ - ଆପଣଂକର ପୁଅ କଷ୍ଟରେ ଅଛି । କିନ୍ତୁ ଯାହା ଦେଖିଲୁ ସେଇଆ କହିଦେବା ଭଲ ହେବ ବୋଲି ବିଚାର କଲି । ବୋହୂର ଚାଲିଚଳନ ଠିକ୍ ନୁହେଁ । ପାଠ ପଢ଼ିଛି, ସୁନ୍ଦରୀ ସତ, କିନ୍ତୁ ଚରିତ୍ର ସନ୍ଦେହଜନକ । ଅନେକ ପୁରୁଷଂକ ସହିତ ସଂପର୍କ ରଖୁଛି । ଆପଣଂକର ପୁଅକୁ ସିଧା ଡାଏଲିସିସ୍ ପର୍ଯ୍ୟନ୍ତ ନେବାର କିଛି ଆବଶ୍ୟକତା ନଥିଲା । ପିଲାଟାକୁ ପଂଗୁ କରିଦେଇ ନିଜେ ଆରାମରେ ଅଛି । ପୁଅକୁ ପାଖକୁ ଡାକି ଆଣନ୍ତୁ । ଆଖି ଆଗରେ ରହୁ ।

କିନ୍ତୁ ପୁଅର କ'ଣ ଟିକେ ହେଲେ ବି ଶୋଚନା ଅଛି ? ଏ ଦିଗରେ ଭାବିବାକୁ କି ମୁଣ୍ଡ ଖେଳେଇବାକୁ ସାଧାରଣ ବୁଦ୍ଧି ସୁଦ୍ଧା ନାହିଁ ତା'ର । ବରଂ ରଶ୍ମିତାଠାରୁ ଭଲ ମଣିଷ ସେ ଜୀବନରେ ଭେଟିନି ବୋଲି ସିଧା ଜଣେଇଦେଲା । ତାକୁ ସେଠି ଏକା ଛାଡ଼ିଦେଇ ସେ ଫେରି ଆସିପାରିବନି ।

ରଶ୍ମିତାର ଅଭିଯୋଗ ଯେ ତା'ର ପିଲାଟିଏ ଦରକାର । ଭବିଷ୍ୟତରେ ସେ ତାର ସାହା ହେବ, ଅଥଚ ସ୍ୱାମୀ ଏମିତି ବେମାର ହେଇଗଲା ! ଏବେ ସେ ସ୍ୱାମୀକୁ ଡିଭୋର୍ସ ଦେବାକୁ ଚାହେଁ । ସମସ୍ତେ ଆଲୋଚନା କଲେ ସେଇ ନିର୍ଣ୍ଣୟ ଭଲ ହେବ କାରଣ ପୁଅ ଆଉ ସୁସ୍ଥ ହେବା ଅସମ୍ଭବ ବ୍ୟାପାର । କିନ୍ତୁ ବୋହୂ କହୁଛି, ଏଭଳି ପରିସ୍ଥିତିରେ ସ୍ୱାମୀକୁ ଛାଡ଼ିବାକୁ ହେଲେ ତା'ର ଦି'କୋଟି ଟଂକା ଦରକାର ଆଉ ଘରଟା ବି ! ହେଲେ ପୁଅ ବୋହୂକୁ ଛାଡ଼ିବାପାଇଁ ପ୍ରସ୍ତୁତ ନୁହେଁ ମୋଟେ ।

ରଶ୍ମିତା ଆସିବ ତାର ମା'କୁ ନେଇ ଦିନକ ପରେ । ଫଇସଲା କରି ଫେରିଯିବ । ଘରରେ ଭାଗ ଆଉ ଭରଣପୋଷଣ ପାଇଁ ଦି'କୋଟି ? କୁଆଡ଼େ ଗଲା ସେଇ ପୁଅକୁ ନେଇ ଯେତେ ସ୍ୱପ୍ନ, ଯେତେ

କଳ୍ପନାଜଳ୍ପନା ... ମଲାବେଳକୁ ଗଂଗାଜଳ ଦେବ, ପିଣ୍ଡ ବାଢ଼ିଦେବ ବୋଲି କେତେ ଆଶା !....ଲୁହ ଜକେଇ ଆସିଲା ଦମ୍ଭ ଧରି ଏଯାଏଁ ରାତିରାତି ଉଜାଗର ରହିଆସିଥିବା ଆଖିଦୁଇଟିରେ ।

ସୁବର୍ଣ ପଚାରିଲା, ବୋଉ ତୁ ଏବେ କଣ କରିବୁ ବୋଲି ଭାବିଛୁ ? ତାର ପାଟିରୁ ପ୍ରଶ୍ନ ସରିନି ସୁବର୍ଣର ବୁଦ୍ଧିମତୀ ସାନଭଉଣୀ କହିଲା - ଏଥର ଆଉ ଡେରି ନକରି ଭାଗବଣ୍ଟା କରିଦେ ବୋଉ ! ପୁଅପୁଅ ହେଇ ସବୁ ତ ସାରିଦେଲୁ, ଜମି ଖଣ୍ଡେ ବି ରଖିଲୁ ନାହିଁ ନିଜ ନାଆଁରେ । ଏବେ କଣ କରିବୁ ତୁ ଭାବିବୁ । ଯେଉଁଠି ଅସ୍ତ୍ର ଭେଦିପାରେନି, ସେଇଠି ଏମିତି ପଦେପଦେ କଥା ବିନ୍ଧି ଦେଇଯାଏ ।

ବୋଉଂକର ରୂପଶ୍ରୀ ଘରର ସେଇ ସ୍ୱଚ୍ଛନ୍ଦଜୀବନ ସୁଖକର ମନେହୁଏନି । ରାତି ଏଗାର ବାଜିଲେ ଖାଇବା ହୁଏ । ସାରାଦିନ କାହାର ସମୟ ନଥାଏ କଥା ପଦେ କହିବାକୁ, ଅଥଚ ଘରେ ଲୋକର ଅଭାବ ନାହିଁ । ଫୋନରେ ଆଖି ଚବିଶ ଘଂଟା । ସଂସାର ସିଏ ବି କରିଛନ୍ତି । ସେତେବେଳେ - ଯେତେବେଳେ ତାଂକର ଶାଶୂଶ୍ୱଶୁର ଆସନ୍ତି ଛଅ ସାତ ମାସ ରହିଯାନ୍ତି । ତା'ପରେ କିନ୍ତୁ ଆଉ ଯେତେ ଅଟକେଇଲେ ବି ସେମାନେ ଗ୍ରାମୀଣ ଜୀବନକୁ ଝୁରନ୍ତି । ତାଙ୍କ ନିଜର ମା କେବେ ଆସିଲେ ଜୋଇଁ ଜଲ୍‌ଦି ଫେରିଆସନ୍ତି, ଶାଶୂଙ୍କ ସହ କଥା ହୁଅନ୍ତି, ବୁଲେଇ ନିଅନ୍ତି । ଅଥଚ ଏସବୁ ଦେଖି ବଡ଼ ହେଇଥିବା ପିଲାମାନେ ଏମିତି ସ୍ୱାର୍ଥପର କେମିତି ହେଲେ ? ହୁଏତ ଦିନେ ସେ ବୁନ୍ଦାଏ ବର୍ଷାଜଳ ପରି ମରିଯିବେ । କିନ୍ତୁ ସାଲିସ କରିବେ ନାହିଁ ।

ଯେଉଁମାନେ ସାରା ଜୀବନ ଗୋଟେ ମରୁଭୂମିରେ, ଗୋଟେ ପାଲଟଣା ଘରେ ବିତେଇ ଦିଅନ୍ତି, ଯେଉଁଠି ବର୍ଷା ପଡ଼େ ସେଠିକୁ ଘୁଂଚି ଯାଆନ୍ତି, ସେମାନେ କଣ ଏଇସବୁ ଯନ୍ତ୍ରଣା ଭୋଗନ୍ତି ? ସଂସାର କଣ ଏଇଆ ? ଭଲପାଇବା କୁଆଡ଼େ ଉଭେଇ ଯାଉଛି କୁଆପଥର ପରି ?

ସାରାଜୀବନ  ସବୁବେଳେ ସବୁକଥାରେ ଦବିକି ରହିଆସୁଥିବା ସୁବର୍ଣ ଏତେ କଥା କହେନି କାହାକୁ । ଯେବେଠୁ ଜୀବନରେ ସାଲିସ୍ କରିଶିଖିଛି, ସେବେଠୁ ଉଚ୍ଚାଗଳାରେ କଥାପଦେ କହିଥିବାର କେହି ଶୁଣିନି ତା'ଠୁଁ । ବୋଉ ବି ତାର ଏଇ ପରଜୀବୀ ବୋଲି ହୀନମନ୍ୟତାକୁ ପସଂଦ କରନ୍ତିନି । ଅଥଚ ହଷ୍ଟେଲରେ ରହି ପଢ଼ିଲାବେଳେ ଛାତଉପରୁ ଗଳା ଫଟେଇ ଦିନେ ଗୀତ ଗାଇପାରୁଥିଲା ସିଏ । ଏବେ ସେ କହିପାରୁନି - ବୋଉ, ଚିନ୍ତା କାହିଁକି ? ଆମେ ଅଛୁ ତ !

ଶାଶୂଶ୍ୱଶୁର ଏବେ ତା ଉପରେ ସନ୍ତୁଷ୍ଟ, ସ୍ୱାମୀ ରାତିରାତି ଡେରିରେ ମଦପିଇ ଶୋଇବାକୁ ଆସିଗଲେ ସେ କଥା ପଦଟିଏ ବି କହେନି । ପିଲା ଦିଟାଂକର  ସ୍କୁଲକଥା ସିଏ ବୁଝେ । ବୋଉର  ହଜାରେ ରୁଚିଅରୁଚି । କେମିତି ସମ୍ଭାଳିବ ସତରେ ? ସାନଭଉଣୀ କିନ୍ତୁ ଏସବୁରେ ଆଗଭର । ତା' କଥାରେ ସଂସାର ଚାଲେ । ଭାଇ ସାଂଗରେ  ତଳିଉପର ବୋଲି ପିଲାଦିନରୁ ରେଷାରେଷି ।  ସବୁବେଳେ ରାଗିବ ଯେ ତୁମେମାନେ ପୁଅପ୍ରତି ପକ୍ଷପାତ କରୁଛ ।

ବାପାବୋଉଂକର କିଛି ହେଲେ ସିଏ ପାଖରେ ଛିଡ଼ାହୋଇଥାଏ ସତ, କିନ୍ତୁ ଦାବି କରେ, ତା' ଇଚ୍ଛାରେ ସବୁ ହେଉ । ବୋଉକୁ ହୁଏତ ସେ ପାଖରେ ରଖିପାରିବ, ଦେଖିପାରିବ କାରଣ ସେ ସ୍ୱାମୀ ପିଲାଂକୁ ନେଇ ରହେ, ଶ୍ୱଶୁରଘରର ବୋଝ ଉଠାଏନି ।

ଅନେକ ସମୟ ଗୁମ୍ ହେଇ ବସିଥିବା ବୋଉଙ୍କର ତୁଣ୍ଡ ଫିଟିଲା ଏଥର । ଏତେ ବର୍ଷ ପରେ ଶାନ୍ତଶୀତଳ ଏକ ଶପଥର ସ୍ୱର ଶୁଣାଇ କହିଲେ - ମୁଁ ଓକିଲକୁ ଡକେଇଛି । ତୁମ ଦି ଝିଅଂକ ନାଁରେ ସମ୍ପତ୍ତି ଭାଗ କରିଦେବି । ପୁଅକୁ ତ୍ୟାଜ୍ୟପୁତ୍ର କରିଦେବି ଏଥର । ରଶ୍ମିତା ଧମକ ଦେଉଛି ଘରକୁ ତା ନାଁରେ କରିଦେଲେ ଯାଇ ମୋର ପୁଅକୁ ଛାଡ଼ିବ । ପୁଅ କହୁଛି, ନହେଲେ ସେ ମୋ ଖର୍ଚ୍ଚ ଉଠେଇବ କେମିତି ? ଘରଟା ବାପା କରିଛନ୍ତି ମୋ ନାଁରେ । ଏଥର ଏ ଘର ହେବ ତୁମ ଦି'ଜଣଂକର । ଦେଖିବ ।

∞∞∞

**ମୋନାଲିସା ଜେନା,** କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଭ୍ରମଣ ଏବଂ ଜଙ୍ଗଲ ସମ୍ବନ୍ଧୀୟ ପ୍ରବନ୍ଧ ଲେଖନ୍ତି । ଆସାମୀୟ ଏବଂ ଇଂରାଜୀ ଭାଷାରେ ତାଙ୍କର ସାହିତ୍ୟ ଅନୁବାଦ କାର୍ଯ୍ୟ ପ୍ରଶଂସିତ । ତାଙ୍କର କବିତା ଏବଂ କାହାଣୀଗୁଡିକ ମୁଖ୍ୟତଃ ମାନବିକ ସମ୍ପର୍କ ଉପରେ ଧ୍ୟାନ ଦିଅନ୍ତି ଏବଂ ମଣିଷର ଦୁଃଖ ଏବଂ ଆନନ୍ଦକୁ ପ୍ରତିଫଳନ କରନ୍ତି । ମୋନାଲିସା ଜେନା ଏପର୍ଯ୍ୟନ୍ତ ଅନେକ ପୁସ୍ତକ ପ୍ରକାଶ କରିଛନ୍ତି, ଯେଉଁଥିରେ ଓଡିଆରେ କବିତା ପୁସ୍ତକ, ନିସର୍ଗ ଧ୍ୱନୀ ଏବଂ ଏ ସବୁ ଧ୍ରୁବ ମୂହୁର୍ତ୍ତ; କ୍ଷୁଦ୍ର ଗଳ୍ପ ସଂଗ୍ରହ: ଇନ୍ଦ୍ରମାଳତିର ଶୋକ, ନୀଳମାଧବୀ, କୂଳ ନଥିବା ନଈ, ସପ୍ତମୀର ଚନ୍ଦ୍ରଲେଖା; ଉପନ୍ୟାସ: ନର୍ଗିସ; ଏବଂ ଅନୁବାଦ ପୁସ୍ତକ: ଦାସୁରାମସ୍ ସ୍କ୍ରିପ୍ଟ ରହିଛି । ଏହା ବ୍ୟତୀତ ସେ ଖ୍ୟାତନାମା ଓଡ଼ିଆ କବି ରମାକାନ୍ତ ରଥଙ୍କ ସାହିତ୍ୟିକ ଜୀବନୀ  ଲେଖିଛନ୍ତି ଏବଂ ଆସାମରୁ ଅନେକ ପୁସ୍ତକ ଅନୁବାଦ କରିଛନ୍ତି ।

# ଚିଠି

Srujan ISSN 2976-9329

**ସୁଶାନ୍ତ ଶେଖର ଦାଶ**

ଚହଲିଯାଏ ଗାଁ
ଖେଳିଯାଏ ଉନ୍ମାଦନା
ଡାକିଆର ମତୁଆଲା କୁହୁକ ଶବ୍ଦରୁ..
ଜରାଗ୍ରସ୍ତ ବୟସ୍କ ପାଦ ସବୁ
ଶୃଙ୍ଖଳ ଭାଙ୍ଗି ଝପଟି ଆସେ
ନିରାଶେ ଫେରିଯାଏ ପୁଣି
ନ ପାଇ ଚିଠିଟିଏ ତା ପ୍ରେମ ସନ୍ତକରୁ ....

ଆଶାବାଡ଼ିର ସାହାରେ
ଥୁରୁ ଥୁରୁ ନିର୍ଜୀବ କେତୋଟି ହାତ
ଛିନ୍ନବସ୍ତ୍ର ପିନ୍ଧା କାନି ଉହାଡ଼ରୁ...
ବଢ଼ାଇଦିଏ ଡାକିଆ ର ଆଡ଼େ
ମନ ମାରି ପୁଣି ପ୍ରକୃତିସ୍ଥ ହୁଏ
ନ ପାଇ ଚିଠି ତା ମନ ମଣିଷ ପାଖରୁ ....

ଡାକିଆର ଫେରିବା ବାଟକୁ
ନୀରଭିଜା ଗାଁର କେତୋଟି ଆଖି
ଶୁଖି ପୁନଃ ଭିଜିଯାଏ ପଣନ୍ତ ପଛରୁ...
ନିରେଖି ପରଖି ଥକି ଯାଏ
ନିଶ୍ଚଳ ନିସ୍ପୃହ ଚକ୍ଷୁ ସବୁ
ନ ପାଇ ଚିଠି ତା ସ୍ନେହଭାଜନ ପାଖରୁ...

ବିଚ୍ଛେଦ ଆତୁରେ
ଚନ୍ଦ୍ରକାନ୍ତା ଭରା ବିରହ ନିଶି
ନୀହାରିକା ବିଜେ ଅନ୍ଧାର ଉତ୍ତାରୁ..
ଚନ୍ଦ୍ରାବଳୀ ପ୍ରେମେ ମନ ଜୁଡୁବୁଡୁ
ନିଶିପୁଷ୍ପ ଝଡ଼ ଶୁଖି ପଡ଼ିଥାଏ
ନ ପାଇ ପ୍ରୀତିପତ୍ର ତା ପ୍ରଣୟୀ ପାଖରୁ...

ଆଶାର ଆଲୋକ
କେତେ ଉଆଁସୀ ଚାନ୍ଦିନୀ
ବସନ୍ତ ମଳୟ ବହେ ତପତ ନଭରୁ..
କି ଅଭିମାନେ ଚାଲିଗଲ ତୁମେ
ଝୁରୁଛନ୍ତି ସର୍ବେ ଝୁରେ ଆମ ଗାଁ
ନ ପାଇ ସାନିଧ୍ୟ ତୁମ କୁହୁକୀ ସ୍ପର୍ଶରୁ...

ଏବେ ଫେରି ଦେଖ
ବିକଶିତ ସ୍ଫୀତ ସକ୍ଷମ ତୁମ ବିକଳ୍ପ ଉଭା
ଉନ୍ମତ୍ତ ବିହ୍ୱଳ ଭାବ ମସଗୁଲ ନିଶାରୁ...
ଜରାଗ୍ରସ୍ତ ଆଖି କୋଣେ ପରଖି ନିଅ ଥରେ
ନାହିଁ ସେ ଶିହରଣ ଅବା ଉନ୍ମାଦନ
ପୁଲକିତ ଅବା ରୋମାଞ୍ଚିତ ମନ
ପାଇଗଲେ ଚିଠିଟିଏ ଥରେ ଡାକିଆ
ହାତରୁ....

∞∞∞

# ଦୁଃଖ

Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ଆକାଶ ରାଇଜେ ଝୁମେ ବିରହ ବଉଦ
ତନ୍ଦ୍ରାହୀନ ଆଖିରେ ଆର୍ଦ୍ରତା
ତୁଷ୍ଟ ପୁଷ୍ପସାର ସ୍ୱାଦହୀନ ଲାଗେ
ବାସକ ମନରେ ବୁଣେ ବ୍ୟାକୁଳତା !

ହେ ଦୁଃଖ ! ପଚାରିଲି ଦିନେ ...
କେବେ ତୁଟିବ ସେ ବେଡ଼ିଢ଼ିର ଧୃଷ୍ଟତା
ନିଷ୍ଠୁର ସଙ୍ଗତି ତୁମ, ଅସହ୍ୟ ଏ ବ୍ୟଥା !

କ୍ଳେଶ ଗ୍ଲାନି ପୀଡ଼ା କ୍ଳାନ୍ତି ଶ୍ରାନ୍ତି
ଦହନେ ପ୍ରାଣ ଦହନ ମନ ମୋ ଅତୃପ୍ତି
ତୁମ ଏ ଦୋସ୍ତଦାରଙ୍କ ଗାଥା ଅକଥନ !
ସଯତ୍ନେ ଅପଲକେ ଗଢ଼ିଛନ୍ତି ବିହି,
ତାପିବାକୁ ଅଭାବୀ ଓ ଦୁଃଖୀ ରଙ୍କ ଜନ

ତିମିର ଆଚ୍ଛନ୍ନ ଅନ୍ତେ ଦୀପିକାର ଆଭା
ପ୍ରକଟି ଉଲ୍ଲସିବ ଏଇ ଦରଦୀ ହୃଦୟେ
କି ଯଶ ଲଭିବ ଅବା କି ଖ୍ୟାତି ଅର୍ଜିବ,
ବିବର୍ତ୍ତନେ ଦୂରୀଭୂତ ଉଭାନ ବିଲୟେ
ପଥଚ୍ୟୁତ ହେବୁ ଜାଣି ଏ ଦର୍ପ କି ପ୍ରାୟେ?

ଶୋଭିତ ଉଦ୍ଦୀପିତ ହେଉ, ବିଭାସୁ ଏ ମନ
ସନ୍ତାପିତ ହେଉ ପ୍ରାଣ ଉଲ୍ଲାସୁ ଜୀବନ
ବିସୁଖ ବିତୁ, ଉଭାରୁ ଆନନ୍ଦ ଆହ୍ଲାଦ
ବିୟୋଗୁ ଦୁନିଆରୁ ବିଷର୍ଣ୍ଣ ବିଷାଦ
ଓହ୍ଲାଉ ନୈରାଶ୍ୟ ଛିଡ଼ୁ ଦୁଃଖ ଅପ୍ରମିତ
ଶାନ୍ତିକର ବ୍ୟାପୁ ଧରା ହେଉ ଆହ୍ଲାଦିତ ।
ଓଓଓ

# ପିତା

Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

କେତେ ମହାନ ମନେହେଉଥିଲା ସତେ...
ଦୂର ପାହାଡ଼ର ବିସ୍ତାରତା
ଗଗନେ ଜହ୍ନମାମୁଁର ଦୂରତା
ଆକାଶରେ ଭସା ବାଦଲ ଉଚ୍ଚତା
ହାତମେଲି ରୋକିବାକୁ ପବନର ପ୍ରଖରତା
ତୁମ କାନ୍ଧରେ ବସି,
ଦୁନିଆକୁ ଚାହିଁଦେଲେ ଥରେ......
ଗୌଣ ଲାଗେ ଏସବୁର ବିସ୍ତାରତା ଆଉ ବିଶାଳତା ।

ଦୃଢ଼ ଆଶାଟିଏ ମନେ ଜାଗିଉଠୁଥିଲା ...
ତୁମ ହାତ ଧରି ପାଦ ଥାପିବାକୁ
ତୁମ ଛାଇ ପାଖେ ବାଟ ଚାଲିବାକୁ
ଫୁଲ କଢ଼ ସବୁ ବୃକ୍ଷେ ତୋଳିବାକୁ
ଉଡ଼ା ପ୍ରଜାପତିଟିଏ ଧରିବାକୁ
ତୁମ କୁହୁକ ସ୍ପର୍ଶରେ,
କ୍ଷମତା ସାମର୍ଥ୍ୟ ଭରିଯାଏ ମନେ....
ମନେହୁଏ ନଭେ ଉଡ଼ିବାକୁ ଶୂନ୍ୟ ଲଙ୍ଘିବାକୁ ।

ଏବେ ଉନ୍ନତ ବିକଶିତ ପ୍ରତିଷ୍ଠିତ ଆମେ...
ଅସାଧାରଣ ତେଜ ଉନ୍ନତଚିତ୍ତ
ପ୍ରସ୍ଫୁଟିତ ସ୍ଫୀତ ମର୍ଯ୍ୟାଦାବନ୍ତ
ଐଶ୍ୱର୍ଯ୍ୟ ପ୍ରଭୁତ୍ୱ ଭରା ବିଭବ ବିତ୍ତ
ଧୀଶକ୍ତି ସମ୍ପନ୍ନ ବିଜ୍ଞ ଆଦରେ ଖ୍ୟାତ
ପ୍ରାଚୁର୍ଯ୍ୟ ଭିତରେ
ପିତୃତ୍ୱର ପରାକାଷ୍ଠା ଝୁରୁଅଛୁ ଏବେ....
ତୁମ ତ୍ୟାଗ ଅବଦାନେ ଆମେ ଆୟୁଷବନ୍ତ ।

ଏଇ ପ୍ରାଚୁର୍ଯ୍ୟ ମୋହରେ ସବୁ ସନ୍ତୁଳିତ ଆମେ...
ତୁମ ହୃଦୟଟି ଖୋଜୁ ପ୍ରତି ହୃଦୟ ଭିତରେ
ପୁତ୍ର କନ୍ୟା ଭାର୍ଯ୍ୟା ଭଗ୍ନୀ ଭ୍ରାତା ସହୋଦରେ
ଦୟାବନ୍ତ କ୍ଷମାଶୀଳ ସ୍ନେହୀ ଅବତାରେ
ମନ୍ଦିର ମସଜିଦ ଚର୍ଚ୍ଚ ଗୁରୁଦ୍ୱାରରେ
ନମିଲେ ସେ ହୃଦୟଟି,
ଦର୍ଦଭରା ମନ ଭରେ ଆର୍ଦ୍ର ଶୀତଳରେ..
ତୁମ ବିକଳ୍ପ ଖୋଜୁ ଶୂନ୍ୟ ବିକଳ୍ପ ଭିତରେ ।

∞∞∞

# ଉଡ଼ାଣ

Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

କାହିଁ କେତେ ଦିନରୁ
ଶକ୍ତ ଆଶାଟିଏ ଉଙ୍କିମାରୁଥିଲା !
ଡେଣାମେଲି ଉଡ଼ିବାକୁ
ଭସା ବାଦଲର ଛାତି ଚୁମିବାକୁ
ତୀର ପରି ଭେଦିଯିବି ନୀଳ ଆକାଶକୁ ।

ଦରଦୀ ସ୍ୱପ୍ନଟିଏ ସାଥୀଦେଲା ଆସି
ପୀଡ଼ିତ ପ୍ରାଣଟିକୁ ଉଲ୍ଲାସେ ପ୍ରଭାସି
ସ୍ୱପନ ଜାଗରଣେ ମୁଁ ଉଡ଼ାଣ ଭରିଲି
ବକ୍ର, ଭଙ୍ଗୁର, ଅଶକ୍ତ କ୍ଷୀଣ ରାସ୍ତାଟିକୁ,
ସଶକ୍ତ ଡେଣା ପିଟି ପିଟି ଉଚ୍ଚତା ଲଙ୍ଘିଲି
ହର୍ଷ ଆହ୍ଲାଦରେ...
ବିମୋହି ଶିଖର ସ୍ୱାଦ ପ୍ରାଣେ ଆଦରିଲି ।

ସାମର୍ଥ୍ୟଭରା ପକ୍ଷ ଓ ସ୍ୱପ୍ନର ସାହାରେ
ଦେଖୁଥିଲି ଦୁନିଆଁକୁ ରଞ୍ଜିତ ନେତ୍ରରେ
ଅସ୍ୱଷ୍ଟ ସ୍ନେହ ଦୋସ୍ତି ଓ ଅସ୍ୱଷ୍ଟ ବାତ୍ସଲ୍ୟ
ଅସ୍ୱଷ୍ଟ କର୍ତ୍ତବ୍ୟ ଆଉ ଭ୍ରାତା ସହୋଦରେ
ବିମର୍ଷନ ମନେ.....
ବ୍ୟଥିତ ହୃଦୟ ଭରେ ଦୁଃଖ ତାଡ଼ନାରେ ।

ସମୟାନ୍ତରରେ ଚାହିଁ ଦେଖେ
କ୍ଲିଷ୍ଟ ମନ, କ୍ଲାନ୍ତ କାୟା ନିଷ୍ପ୍ରଭ ବଦନେ
ବଦଳିଛି ସବୁ, ହଜିଛି ପ୍ରୀତି ଅନୁରାଗ
ଶ୍ରୀହୀନ ସ୍ନେହ ପ୍ରେମ ଉଛୁଳେ ବିରାଗ
ଶୁଷ୍କ ଆସକ୍ତି ଭରା ନିରସ ସୁହାଗ
ଉଡ଼ାଣ ପ୍ରାନ୍ତରେ....
ସାନ୍ତ୍ୱନାରେ ଭିଜାଇଲି ମନର ଉଦ୍‌ବେଗ ।
ꝏꝏꝏ


**ସୁଶାନ୍ତ ଶେଖର ଦାଶ**, ବିଏସ୍.ସି (ଏଜି), ଏମ୍.ବି,ଏ., ବରିଷ୍ଠ ବ୍ୟାଙ୍କ ମହାପ୍ରବନ୍ଧକ ପଦବୀରୁ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ ତାଂଜାନିଆ ଲିମିଟେଡ଼ର ନିର୍ଦ୍ଦେଶକ ପଦରୁ ୨୦୨୨ରେ ଅବସର ପରେ ଅଧୁନା, ଇଣ୍ଡିଆନ ଇନଷ୍ଟିଚୁଟ ଅଫ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟରେ ଅତିଥି ବକ୍ତା । ତାଙ୍କର ଓଡ଼ିଆ ଗଳ୍ପ ଓ କବିତା ସବୁ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ । ଭୁବନେଶ୍ୱରରେ ରହନ୍ତି ।

# Temples of Odisha


Bijay Biswaal

Srujan ISSN 2976-9329






biswaal






biswaal
19



**Bijay Biswaal,** is the Indian brand ambassador of iconic Winsor and Newton. He plays with watercolour, acrylic, ballpen, etc. He is the first Indian artist to feature prominently in nationally televised talk show *Mann ki Baat* by honourable PM Mr Narendra Modi, in the year 2015. His **P**ainting "Fire" received the national award in professional category in 23rd all India Art Contest (2008) SCZCC, in Nagpur; "Odisha Village" won 1st award (Jury category) in Istanbul International Watercolour Society Contest in February 2013. Collections of his paintings have been displayed throughout the world in Mumbai, Chicago, Australia, Istanbul, Turkey, London, China, Denmark, Russia, Nepal, Bhubaneswar, Ahmedabad, Bhopal, Haryana, and Narrow Gauge Rail Museum, Central Railway Nagpur. He lives in Nagpur, India. https://www.biswaal.in/home

# Future

Srujan ISSN 2976-9329

## Sarat Chandra Rath

*Translated by Nilamadhab Kar*

It isn't an unknown guest, the future, that
It would arrive suddenly
It's just like a train from one to the other station
It'll arrive almost around the right time

It'll touch the earth, the rock, ravine and sea
Colours of *Rangani* flower
Grains and grains of thin sand
Many rib sticks
Glistening ashes of the cremation ground

Bringing in shade and light
Raising the sail in the returning sea of time
Keeping as witness the casuarinas jungle, and
The beachside country
It'll come surpassing self by itself

Still it isn't tired
An amoeboid unattached soul
Like the pleasure-driven, wishful butterfly
From one direction to the other
It would be flying in its own wishes

Even it is said, that
It belongs to none
Even it isn't said, that
No one belongs to it
In silence, without words, losing one's own self
All the interest, it has, to come here
That's not to be measured in the mind's scales
∞∞∞

*Rangani – a type of flower*

# Invitation

SRUJAN
The Creativity Journal
Srujan ISSN 2976-9329

## Sarat Chandra Rath

*Translated by Nilamadhab Kar*

Provision of nice cool shade
Is the mantra of living, for you
The wish of mind is reflected
All the while in the green leaves.
Years after years pass
The seasons of falling dry leaves come and go
But you remain unchanged, as if for ever
Like a sage with godly vision

Rains of monsoon season come, and the winds of autumn
Thunder-struck this earth appears as if
Tiring, boring, and extremely lonely
Mornings come after evenings
Following the rules of nature
Morning prayers are heard trickling down
Through many voices
Ever beautiful, that has no comparison

For the message of development,
Struggle is like leisure in spring
The bright line of hope, the green surety of life
Great mantra of silent meditation,
Oh, you who have seen the horizons
You are calm, unattached, foe-less, with bright endeavour

Tireless, sleepless you are a wakeful guard
In the horizons, boundaries and defence circle
Stepping footsteps in great courage and conviction
You amusingly invite light from spheres and horizons
∞∞∞

# Future

Srujan ISSN 2976-9329

## After the storm settled

*Translated by Nilamadhab Kar*

Many branches break
Before the storm settles
Gale slows down, no more rains
Everything becomes quiet
For the calculations of gains and losses

Rising golden sun
Assures from the sky
Says, 'Don't fear.
Don't lose focus.
Don't be distracted.'

Soon the leaves sprout
Bluish deep greenery sweeps
Across jungles and gardens, trees and climbers
Bunches of buds swing lazily
Surprised river-bend looks on
Nest-returned evening stays on in the fields
Sky bends over in a reassuring mould
A stream of breeze flows and fans

In the blue horizons of the consciousness
Many new unconditional moments
Hum away many tunes
Different rhythms, different compositions,
Different lyrics and meanings
In search of closeness, imminence
They are, each one, a new signal
∞∞∞

**Sarat Chandra Rath,** PhD, is former Professor and Head, Department of Odia, Utkal University, Bhubaneswar. He is an unabridged writer, researcher and critic. He is well-known as a lyricist and column writer. Over thirty books are to his credit along with the '*Sarat Giti Samagra*' and '*Sarat Kata Samagr*a'. He is winner of several awards including the prestigious 'Bhaktakabi Memorial Gold Medal'. These poems are taken from his collection '*kali sakalara surya*'.

# ବନ୍ଦନୀୟା କୈକେୟୀ

SRUJAN
The Creativity Journal
Srujan ISSN 2976-9329

## ପ୍ରଭାତ ରଞ୍ଜନ ବେହୁରା

କୈକେୟୀଙ୍କ ବିନା ରାମାୟଣ ଅସମ୍ପୂର୍ଣ୍ଣ । ପ୍ରକୃତରେ ସେ ଥିଲେ ଏକ ଭିନ୍ନ ଚରିତ୍ର ।

ପୁରୁଷୋତ୍ତମ ଶ୍ରୀରାମଙ୍କ ବନବାସ ସମାପ୍ତ । ସେ ଗତ ସନ୍ଧ୍ୟାରେ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି । କିନ୍ତୁ ରାଜ୍ୟର ରାଜଧାନୀ ଅଯୋଧ୍ୟା ନଗରରେ ନୁହେଁ, ନନ୍ଦୀଗ୍ରାମରେ ପ୍ରବେଶ କରିଛନ୍ତି । କାରଣ ଏହିଠାରୁ କନିଷ୍ଠଭ୍ରାତା ତଥା ତାଙ୍କର ରାଜପ୍ରତିନିଧି, କୈକେୟୀକୁମର ଭରତ ସାକେତ ରାଜ୍ୟର ପରିଚାଳନା କରିଆସୁଛନ୍ତି । ଶ୍ରୀରାମଙ୍କ ସାଥିରେ ଭ୍ରାତା ଲକ୍ଷ୍ମଣ, ପତ୍ନୀ ସୀତାଙ୍କ ବ୍ୟତୀତ କେତେକ ଅନ୍ତରଙ୍ଗ ନିମନ୍ତ୍ରିତ ସହଚର ବି ଆସିଛନ୍ତି ।

ବନବାସୀ ହେବାକୁ ଖୁସିରେ ବିମାତା କୈକେୟୀଙ୍କ କଥାରେ ସମ୍ମତ ହେବାସହ, ପ୍ରକୃତି ପରିବେଶରେ ଜୀବନର ନୂତନ ଅନୁଭବ ପ୍ରାପ୍ତ କରିବାକୁ ଏକ ସହଜ ଓ ସୁନ୍ଦର ସୁଯୋଗ ବୋଲି ପ୍ରକାଶ କରିଥିଲେ । ଘଟଣାକ୍ରମେ ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତା ତାଙ୍କର ନିଃସଙ୍ଗ ଜୀବନରେ ସହାୟତା କରିବାକୁ ସାଥି ହୋଇଥିଲେ । ଘଟଣା ଚକ୍ରରେ ସୀତାଙ୍କଠାରୁ ବିଚ୍ଛିନ୍ନ ହେଲେ । ତତ୍ପରେ ସୀତାଙ୍କସହ ପୁନର୍ମିଳିତ ହେବାକୁ ବହୁକଷ୍ଟ କରିବାକୁ ହେଲା । ସେହି ପ୍ରୟାସ ମଧ୍ୟରେ ବଳଶାଳୀ କିଷ୍କିନ୍ଧ୍ୟାରାଜ ବାଳୀଙ୍କୁ ନିହତ କରି ସୁଗ୍ରୀବଙ୍କ ସହ ମିତ୍ରତା, ହନୁମାନ, ଜାମ୍ବବାନ ଭଳି ବହୁ ଅନୁଚରଙ୍କ ସହ ଲଙ୍କା ଆକ୍ରମଣ, ବିଭୀଷଣଙ୍କୁ ଆଶ୍ରୟଦେଇ ରାକ୍ଷସରାଜ ରାବଣ, ତାଙ୍କ ଭ୍ରାତା କୁମ୍ଭକର୍ଣ୍ଣ ଓ ବହୁ ରାକ୍ଷସଙ୍କ ନିପାତ କରିଥିଲେ । ପତ୍ନୀଙ୍କୁ ରାକ୍ଷସଙ୍କ କବଳରୁ ମୁକ୍ତ କଲାବେଳକୁ ବନବାସ ସମୟ ଅତିକ୍ରାନ୍ତ । ତେଣୁ ବନବାସକାଳୀନ ପ୍ରକୃତି କେତେମାତ୍ରାରେ ଉପଭୋଗ କରିଥିଲେ ତାହା ବିଚାରଯୋଗ୍ୟ ।

ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନରେ ଭରତ ଆନନ୍ଦିତ ହେବା ସ୍ୱାଭାବିକ । ଶ୍ରୀରାମଙ୍କ ଅନୁଚର, ରାଜପରିବାର ଓ ସମସ୍ତ ରାଜ୍ୟବାସୀ ନିଶ୍ଚିତ ଭାବରେ ଉତ୍ସାହିତ ଓ ଆନନ୍ଦିତ ହୋଇଥିଲେ । ସମସ୍ତେ ସେମାନଙ୍କର ଭାବୀ-ମହାରାଜ ଶ୍ରୀରାମଙ୍କ ସହ ମିଳିତ ହେବାକୁ ଆଗ୍ରହୀ ଥିଲେ । କିନ୍ତୁ ଅଯୋଧ୍ୟାର ଜଣେ ମାତ୍ର ଅଧିବାସୀ, ଶ୍ରୀରାମଙ୍କ ବନବାସ ପରେ ପରେ ନିଜକୁ ଅସୁରକ୍ଷିତ ଓ ଅସହାୟ ମଣୁଥିଲେ ଏବଂ ନିଜକୁ ରୁଦ୍ଧ କୋଠରୀ ମଧ୍ୟରେ ଆବଦ୍ଧ କରି ରଖିଥିଲେ । ସେକଥା କେହି ଜାଣନ୍ତୁ କି ନଜାଣନ୍ତୁ, ତାହା ଅନ୍ତର୍ଯ୍ୟାମୀ ଶ୍ରୀରାମଙ୍କୁ ଗୋଚର ଥିଲା ।

ରାଜସିଂହାସନରେ ଅଭିଷେକ ଉତ୍ସବ ଯଥାରୀତି ହେବାର ଆୟୋଜନ ହେଉଥିଲା । ଭରତଙ୍କଠାରୁ ଦାୟିତ୍ୱ ନେବା ପୂର୍ବରୁ ଶ୍ରୀରାମ ରାଜପରିବାରର ସମସ୍ତଙ୍କୁ ଭେଟିସାରିଥିଲେ । ସେହି ଅସୁଖୀ, ଅସହାୟ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ଥିଲା ସର୍ବଶେଷ କାର୍ଯ୍ୟକ୍ରମ ଏବଂ ତାହା ଥିଲା ଏକାନ୍ତ ସାକ୍ଷାତ, କାରଣ ସେ ବ୍ୟକ୍ତିବିଶେଷ ସାକେତ ରାଜ୍ୟର ଭବିଷ୍ୟତ ସମ୍ପର୍କରେ ବହୁପୂର୍ବରୁ ଅବହିତ ଥିଲେ । ପୁନଶ୍ଚ ତାଙ୍କୁ ହିଁ ଅସ୍ତ୍ର କରି ମହାରାଜ ଦଶରଥଙ୍କୁ ସତ୍ୟ କରିବାକୁ ବାଧ

କରାଯାଇଥିଲା । ସେଥିପାଇଁ ନାରଦ ମୁନି, ଦେବଗଣ ଓ ସରସ୍ୱତୀ ଯେତିକି ବ୍ୟସ୍ତ ନଥିଲେ, ଅବତାରୀ ଶ୍ରୀରାମ ନିଜେ ତତୋଽଧିକ ବ୍ୟସ୍ତ ଥିଲେ ।

ସେହି ଅସୁଖୀ, ଏକାନ୍ତବାସିନୀ ତଥା ଅସହାୟା ରମଣୀ ଥିଲେ ରାଜମହିଷୀ କୈକେୟୀ । ବନବାସ ପ୍ରାରମ୍ଭରେ ଭରତଙ୍କସହ ସେ ବି ଚିତ୍ରକୁଟରେ ତାଙ୍କୁ ଭେଟିଥିଲେ । କିନ୍ତୁ ସେତେବେଳେ ଉଭୟଙ୍କର ସାକ୍ଷାତ ହୋଇଥିଲେ ବି ଏକାନ୍ତ ବାର୍ତ୍ତାଳାପର ସୁଯୋଗ ନଥିଲା । ଉଭୟେ ଉଭୟଙ୍କୁ ଏକାନ୍ତରେ ସାକ୍ଷାତ ଓ ବାର୍ତ୍ତାଳାପର ସୁଯୋଗ ପାଇନଥିଲେ । ଦୀର୍ଘ ଚଉଦବର୍ଷ ପରେ ଏହା ହେବ ଏକାନ୍ତ ସାକ୍ଷାତର ବିରଳ ସୁଯୋଗ ।

X X X

ଶ୍ରୀରାମ ସ୍ୱେଚ୍ଛାରେ ବନବାସୀ ହୋଇନଥିଲେ । ପିତୃ ଆଜ୍ଞାରେ ବନଗମନ କରିଥିଲେ ବୋଲି ଯାହା ସର୍ବଜନବିଦିତ, ତାକୁ ବରଂ ପିତୃସତ୍ୟ ଆଖ୍ୟା ଦେବା ହିଁ ଉଚିତ ହେବ । କାରଣ ବିମାତା କୈକେୟୀଙ୍କ ଅଭିଳାଷ ପୂର୍ଣ୍ଣ କରିବାକୁ ପିତା ସ୍ୱର୍ଗୀୟ ମହାରାଜ ଦଶରଥଙ୍କ ଦତ୍ତ ବଚନ ବ୍ୟବହୃତ ହୋଇଥିଲା । ସେଥିରେ ପ୍ରଥମ ବଚନରେ ରାଜକୁମାର ଭରତଙ୍କୁ ଅଯୋଧ୍ୟାର ରାଜପଦ ପ୍ରାପ୍ତ ହୋଇଥିଲା । ଦ୍ୱିତୀୟ ବଚନରେ ଭରତଙ୍କ ରାଜପଦ ନିଷ୍କଣ୍ଟକ କରିବାକୁ ହିଁ ଶ୍ରୀରାମଙ୍କୁ ଚଉଦବର୍ଷ ଦଣ୍ଡକାରଣ୍ୟରେ ବନବାସ କରିବାର ମସୁଧା ହୋଇଥିଲା ।

କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ ।

ରଘୁକୁଳର ରୀତି ରକ୍ଷା କରାଗଲା । ଶ୍ରୀରାମ ନିଜର ଆବତାରିକ ଦାୟିତ୍ୱ ନିର୍ବାହ କରିବାକୁ ବନବାସରେ ରହିବାରୁ ଭରତ ଜ୍ୟେଷ୍ଠଭ୍ରାତାଙ୍କ ଅଧିକାରକୁ ସମ୍ମାନ ଜଣାଇ ରାଜସିଂହାସନରେ ବସିଲେ ନାହିଁ, ଭ୍ରାତାଙ୍କ ତରଫରୁ ତାଙ୍କର ପ୍ରତିନିଧିତ୍ୱ କଲେ, ତାହା ପୁଣି ଅଯୋଧ୍ୟାରେ ନୁହେଁ, ନନ୍ଦୀଗ୍ରାମରେ । ରାଣୀ କୈକେୟୀ ତ ରାଜମାତା ହୋଇପାରିଲେ ନାହିଁ, ବରଂ ନିଜର ବୈଧବ୍ୟକୁ ସାଦର ଆମନ୍ତ୍ରଣ କରିଥିଲେ ।

କୌଶଲ୍ୟାପୁତ୍ର ହେଲେ ବି ଶ୍ରୀରାମ ବିମାତା କୈକେୟୀଙ୍କର ଅଧିକ ପ୍ରିୟ ଥିଲେ । ନିଜପୁତ୍ର ଭରତଠାରୁ ରାମଚନ୍ଦ୍ରଙ୍କୁ ଅଧିକ ସ୍ନେହ କରୁଥିଲେ । ସେହିଭଳି କୌଶଲ୍ୟା ପାଟରାଣୀ ହେଲେ ବି ରାଣୀ କୈକେୟୀ, ମହାରାଜ ଦଶରଥଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । କୈକେୟୀଙ୍କ ପ୍ରତି ମହାରାଜ ଦଶରଥ ଏବଂ ଜ୍ୟେଷ୍ଠ ରାଜକୁମାର ରାମଚନ୍ଦ୍ରଙ୍କ ସ୍ନେହ ଶ୍ରଦ୍ଧାର ସମ୍ପର୍କର ଖବର କେବଳ ରାଜମହଲ ମଧ୍ୟରେ ଆବଦ୍ଧ ନଥିଲା, ରାଜ୍ୟର ସମସ୍ତଙ୍କୁ ଏହା ଗୋଚର ଥିଲା । ହଠାତ୍ କୌଣସି କାରଣରୁ ମହାରାଜ ଦଶରଥ, ରାଜକୁମାର ଶ୍ରୀରାମଙ୍କୁ ଯୁବରାଜ ଭାବରେ ଅଭିଷିକ୍ତ କରିବାକୁ ମନସ୍ଥ କଲେ, ଯାହାକୁ କୁଳଗୁରୁ ବଶିଷ୍ଠଙ୍କ ସମେତ ରାଜସଭାର ସମସ୍ତେ ଅନୁମୋଦନ କଲେ । ପୁନଶ୍ଚ ପରଦିନ ଶୁଭ ମୁହୂର୍ତ୍ତରେ ସେହି ଅଭିଷେକ ଅନୁଷ୍ଠାନ ନିମିତ୍ତ ସମସ୍ତ ଆୟୋଜନର ଶୁଭାରମ୍ଭ କରିବାକୁ ବି ଆଦେଶ ଦେଲେ । ଏ ସମସ୍ତ ଆୟୋଜନ ଆକସ୍ମିକ ଥିବାରୁ, ରାଜମହଲକୁ ଅଗୋଚର ଥିଲା । ମହାରାଜ ଏଇ

ଆୟୋଜନର ପ୍ରଥମ ସୂଚନା ନିଜର ପ୍ରିୟ ମହିଷୀଙ୍କୁ ପ୍ରଦାନ କରି କୈକେୟୀଙ୍କୁ ଆନନ୍ଦିତ କରିବାକୁ ତାଙ୍କ ମହଲକୁ ପ୍ରବେଶ କରିଥିଲେ । ଏହା ପରର ସମସ୍ତ ବୃତ୍ତାନ୍ତ କାହାକୁ ଅଛପା ନୁହେଁ ।

ରାମଚନ୍ଦ୍ର ପିତୃସତ୍ୟ ପାଳନ ନିମିତ୍ତ ବନବାସୀ ହେବାକୁ ପ୍ରସ୍ତୁତ ହେଉଥିବା ସମୟରେ କନିଷ୍ଠ ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ତାଙ୍କର ସହଚର ହେଲେ । ଏହି ଅପ୍ରୀତିକର ସମ୍ବାଦକୁ ମହାରାଜ ନିଜର କର୍ମଫଳ ପାଇଁ ପୂର୍ବରୁ ପ୍ରାପ୍ତ ଅଭିଶାପ ଫଳବତୀ ହୋଇଥିବା ଅନୁଭବ କରିଥିଲେ । ପାଠକେ ନିଶ୍ଚିତ ଭାବରେ ଲକ୍ଷ୍ୟ କରିଥିବେ ଦଶରଥ କୈକେୟୀଙ୍କୁ ବଚନ ଦେବାବେଳେ ସେ ଭରତ ରାଜା ହେବାକୁ ସହସା ସମ୍ମତ ହୋଇଥିଲା ବେଳେ ରାମଚନ୍ଦ୍ରଙ୍କୁ ବନବାସୀ ହେବାକୁ ଅମଙ୍ଗ ହୋଇଥିଲେ । ରାମଚନ୍ଦ୍ରଙ୍କୁ ତାଙ୍କ ଦୃଷ୍ଟିରୁ ଦୂରକୁ ନ ପଠାଇବାକୁ କୈକେୟୀଙ୍କୁ ବାରମ୍ବାର ନିବେଦନ କରିଥିଲେ । ମହାରାଜ ବାରମ୍ବାର ସୂଚନା ଦେଉଥିଲେ କି ରାମଚନ୍ଦ୍ର, ତାଙ୍କ ଦୃଷ୍ଟିରୁ ଅନ୍ତର୍ହିତ ହେଲେ ତାଙ୍କର ମୃତ୍ୟୁ ସୁନିଶ୍ଚିତ । ସେଥିପାଇଁ ବହୁବାର ଅଳି କଲାପରେ ବି କୈକେୟୀଙ୍କ କଠୋର ହୃଦୟରେ ପରିବର୍ତ୍ତନ ହୋଇନଥିଲା । ସେଥିପାଇଁ ପିତାଙ୍କ ଅବଚେତନ ଅବସ୍ଥାରେ କୈକେୟୀଙ୍କ ମୁଖରୁ ପିତୃଦତ୍ତ ସତ୍ୟରକ୍ଷା ସମ୍ପର୍କରେ ଶ୍ରୀରାମ ଜ୍ଞାତ ହେଲେ ଏବଂ ବିଳମ୍ବ ନ କରି ବନଗମନ କଲେ । କିନ୍ତୁ ମହାରାଜ ଦଶରଥ ଶ୍ରୀରାମଙ୍କ ବନଗମନ ମୁହୂର୍ତ୍ତରୁ ହିଁ ମୃତ୍ୟୁଶଯ୍ୟାକୁ ଆଦରି ନେଲେ, ଅନ୍ୟଭାଷାରେ କହିଲେ ଭରତର ରାଜପଦ ନିଷ୍କଣ୍ଟକ କରିବାକୁ କୈକେୟୀ ନିଜର ବୈଧବ୍ୟକୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ଏ ସମସ୍ତ ଥିଲା ବିଧି ନିର୍ଦ୍ଦିଷ୍ଟ ।

ଅବଶ୍ୟ ବନବାସୀ ଶ୍ରୀରାମ ତାଙ୍କର ବନବାସ ସମୟ ଅତିକ୍ରାନ୍ତ ହୋଇଥିବା ଏବଂ ତାଙ୍କୁ ଅଯୋଧ୍ୟାର ରାଜସିଂହାସନ ଅପେକ୍ଷା କରିଥିବା ପ୍ରସଙ୍ଗ ବିସ୍ମୃତ ହୋଇଥିଲେ । କିନ୍ତୁ ଅନୁଚର ତଥା ଅନୁଜ ଲକ୍ଷ୍ମଣ ତାଙ୍କୁ ତାଙ୍କର ଅତୀତ ସମ୍ପର୍କରେ ସଚେତନ କରାଇଦେଲେ । ଅତୀତ ସ୍ମରଣ ହେବା ମାତ୍ରେ ପ୍ରଥମେ ଅଯୋଧ୍ୟାର ତତ୍କାଳୀନ ରାଜପ୍ରତିନିଧି ଭରତଙ୍କ ନିକଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ବାର୍ତ୍ତା ପ୍ରେରଣ କରିବାକୁ ଶ୍ରୀରାମ ପରାମର୍ଶ ଦେଇଥିଲେ । କିନ୍ତୁ ଭ୍ରାତା ଲକ୍ଷ୍ମଣଙ୍କ ଜିଦ୍ ନିକଟରେ ତାଙ୍କର ପରାମର୍ଶ ଅଚଳ ହୋଇଯାଇଥିଲା । ଅଯୋଧ୍ୟାର ରାଜସିଂହାସନରେ ତାଙ୍କର ଅଭିଷିକ୍ତ ହେବାର ସାମ୍ଭାବ୍ୟ ଯୋଜନା ଥିବାରୁ ସହଚରମାନଙ୍କୁ ନିମନ୍ତ୍ରିତ ଅତିଥି ଭାବରେ ସାଥିରେ ଆଣିଥିଲେ ।

ତେବେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ପରିବାରର ସମସ୍ତଙ୍କୁ ଭେଟିସାରିବା ପରେ ବିମାତା କୈକେୟୀଙ୍କୁ ଏକାନ୍ତରେ ସାକ୍ଷାତ କରିବାକୁ ଶ୍ରୀରାମ ପୂର୍ବରୁ ସୂଚନା ଦେଇଥିଲେ । ଏହି ସୂଚନାପ୍ରାପ୍ତି ପରେ ମାତା କୈକେୟୀ ଏକାନ୍ତରେ ପ୍ରିୟ ପୁତ୍ରକୁ ଭେଟିବାର ସୁଯୋଗକୁ କାତର ଭାବରେ ଅପେକ୍ଷା କରିଥିଲେ । କାରଣ ସେ ତ ଶ୍ରୀରାମଙ୍କୁ ନିଜପୁତ୍ର ଭରତଠାରୁ ଅଧିକ ସ୍ନେହ କରୁଥିଲେ – ଯାହା ଦୀର୍ଘକାଳ ପରେ ମଧ୍ୟ ଅମଳିନ ଥିଲା । ତେଣୁ ପୁତ୍ର ଶ୍ରୀରାମଙ୍କୁ ସାକ୍ଷାତକରି ମନର ସମସ୍ତ ଅକୁହାକଥା ପ୍ରକାଶ କରିବାକୁ ଅପେକ୍ଷା କରିଥିଲେ ।

ରାଣୀ କୈକେୟୀ ନିବାସ କରୁଥିବା ରାଣୀମହଲରେ ମାତା ଓ ପୁତ୍ରଙ୍କ ଏକାନ୍ତରେ ସାକ୍ଷାତ ହୋଇଥିଲା । ଦର୍ଶନାଭିଳାଷୀ ମାତାଙ୍କ ଚକ୍ଷୁ ଲୋତକପୂର୍ଣ୍ଣ । ପୁତ୍ର ମଧ୍ୟ ମାତାଙ୍କ ଦର୍ଶନ ପାଇଁ ଉତ୍କଣ୍ଠିତ । ସେଇ

ଆବେଗମୟ ମୁହୂର୍ତ୍ତରେ ପୁତ୍ର ଶ୍ରୀରାମଙ୍କୁ ମାତା ଏକ ନିବିଡ଼ ଆଲିଙ୍ଗନରେ ଆବଦ୍ଧ କଲାବେଳେ କ୍ରନ୍ଦନରତା । ପିତୃବାକ୍ୟ ପାଳନ କରିବାକୁ ବନକୁ ବିଦାୟ ଦେବା ସମୟରେ ମାତାଙ୍କ ଆଦେଶାତ୍ମକ ଭାବଭଙ୍ଗୀର ଲେଶମାତ୍ର ଚିହ୍ନ ନଥିଲା । ମାତାଙ୍କ ମାନସିକ ପୀଡ଼ା ଜନିତ ଦୁଃଖ ଲାଘବ ନିମିତ୍ତ ଶ୍ରୀରାମ ମଧ୍ୟ ସ୍ଥିର ଚିତ୍ତରେ ଅପେକ୍ଷା କଲେ । ବାଳୁତ ପ୍ରାୟ କୋହଭରା କ୍ରନ୍ଦନ କ୍ରମେ କ୍ଷୀଣ ହୋଇ ଆସିଲା ।

ଶ୍ରୀରାମ ମାତାଙ୍କୁ ସାନ୍ତ୍ୱନା ଦେବାକୁ ପ୍ରୟାସ କରୁଥିଲେ । କିନ୍ତୁ କୈକେୟୀ ଶ୍ରୀରାମଙ୍କୁ କୁହାଇ ନଦେଇ ନିଜେ ନିଜର ସଫେଇ ଦେବା ଆରମ୍ଭ କରି କହିଲେ, "ବାବୁରେ, ତୁମ ପିତାଙ୍କ ଏଇ ମହଲକୁ ବୋହୂ ହୋଇ ଆସିବାଠାରୁ ଏ ଯାବତ୍ ମୁଁ ମୋ' ମନର କଥା କାହାକୁ କହିନାହିଁ କି କେହି ଜଣେ ହେଲେ ଶୁଣିବାକୁ ଆଗ୍ରହୀ ହୋଇନାହାନ୍ତି । ଆଜି ମୋ' କଥା ଟିକେ ମନଦେଇ ଶୁଣିବୁ ବୋଲି ଆଶା କରୁଛି ।"

ଶ୍ରୀରାମ ତ ଅନ୍ତର୍ଯ୍ୟାମୀ । ତାଙ୍କୁ କୌଣସି କଥା ଅଗୋଚର ନୁହେଁ । ତଥାପି ମାତାଙ୍କୁ ସମ୍ମାନ ଜଣାଇ ନୀରବ ଶ୍ରୋତା ହୋଇଥିଲେ । ମାତା ମଧ୍ୟ ତାଙ୍କ କଥା କହିଚାଲିଲେ ।

ସେ ଥିଲେ କେକୟ ନରପତିଙ୍କ ଏକମାତ୍ର କନ୍ୟା । ତେଣୁ ନାମ ରହିଲା କୈକେୟୀ । ସପ୍ତଭ୍ରାତାରେ ସେ ଥିଲେ ଏକମାତ୍ର ଭଗିନୀ, ରୂପବତୀ ମଧ୍ୟ । ମାତା ଜୀବିତ କି ମୃତ, ତାଙ୍କୁ ଅଗୋଚର ଥିଲା । ତାଙ୍କର ବାଲ୍ୟକାଳରେ ମାତାଙ୍କୁ ତାଙ୍କ ପିତା ଅଶ୍ୱପତି ତ୍ୟାଗ କରିଥିଲେ । ଅଶ୍ୱପତି ପଶୁପକ୍ଷୀଙ୍କ ଭାଷା ବୁଝିବାର କ୍ଷମତା ରଖିଥିଲେ ବି ବୁଝିଥିବା ତଥ୍ୟ ଗୋପନ ରଖିବାକୁ ବାଧ୍ୟ ହେଉଥିଲେ । କାରଣ ସେହି ତଥ୍ୟକୁ ପ୍ରଘଟ କଲେ ତାଙ୍କର ଜୀବନ ସଙ୍କଟାପନ୍ନ ହେବାର ସମ୍ଭାବନା ଥିଲା । କୌଣସି ଏକ ସମୟରେ ପତ୍ନୀଙ୍କ ସହ ଅଶ୍ୱପତି ପ୍ରମୋଦ ଉଦ୍ୟାନରେ ସମୟ ଅତିବାହିତ କରୁଥିଲେ । ପାଖ ସରସୀରେ ଦୁଇ ସାରସଙ୍କ କଥା ଶୁଣି ତାଙ୍କୁ ହସମାଡ଼ିଲା । ରାଣୀଙ୍କୁ ଅଶ୍ୱପତିଙ୍କ ହସ ରହସ୍ୟମୟ ମନେହେବାରୁ ହସିବାର କାରଣ ଜାଣିବାକୁ ଜିଦ୍ କଲେ । ହସିବାର କାରଣ ପ୍ରଘଟ ହେଲେ ସ୍ୱାମୀଙ୍କ ଜୀବନ ସଙ୍କଟାପନ୍ନ ହେବାର ସମ୍ଭାବନା ଜାଣିବା ପରେ ମଧ୍ୟ ପତ୍ନୀ ନିଜ ଜିଦ୍‌ରେ ଅଟଳ । ପତ୍ନୀ ନିଜର ସ୍ୱାର୍ଥପାଇଁ ସ୍ୱାମୀଙ୍କ ଜୀବନ ସଙ୍କଟାପନ୍ନ କରିବା, ଏକ ଶୁଭ ଲକ୍ଷଣ ନୁହେଁ, ତେଣୁ ତତକ୍ଷଣାତ୍ ସ୍ୱାମୀଙ୍କ ଦ୍ୱାରା ପରିତ୍ୟକ୍ତା ହେଲେ । ସେଥିପାଇଁ ବାଲ୍ୟକାଳରୁ କୈକେୟୀ ମାତୃସ୍ନେହରୁ ବଞ୍ଚିତା । ଲାଳନପାଳନର ଦାୟିତ୍ୱ ରାଜପରିବାରର ଧାଈ ମନ୍ଥରା ଉପରେ ନ୍ୟସ୍ତ ହୋଇଥିଲା ।

କୈକେୟୀ ସେଇ ବାଲ୍ୟକାଳରୁ ହିଁ ଭିନ୍ନ ପ୍ରକୃତିର କନ୍ୟା ଥିଲେ । ସେ ସମସ୍ତ ପୁରୁଷୋଚିତ କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରିଥିଲେ । ସେ ପୁରୁଷବେଶରେ ସଜ୍ଜିତହୋଇ ଅଶ୍ୱଚାଳନା, ରଥଚାଳନା, ବିଭିନ୍ନ ପ୍ରକାରର ଯୁଦ୍ଧବିଦ୍ୟାରେ ପାରଙ୍ଗମ ହୋଇପାରିଥିଲେ । ତାଙ୍କର ରୂପ, ଯୌବନ, ଗୁଣ, ତୀକ୍ଷ୍ଣବୁଦ୍ଧି, ଚତୁରତା, ସାହସିକତା, ଯୁଦ୍ଧ ପ୍ରବୀଣତା ଇତ୍ୟାଦିରେ ଖ୍ୟାତି ଅନ୍ୟ ରାଜ୍ୟରେ ବ୍ୟାପିଗଲା । ନାରୀସୁଲଭ ଗୁଣନଥିବାରୁ କୈକେୟୀଙ୍କର ବିବାହ ବିଳମ୍ବିତ ହେଉଥିଲା । ସାକେତ ନରପତି ଯୁଦ୍ଧପ୍ରବୀଣ ମହାରାଜ ଦଶରଥ କୈକେୟୀଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । କୌଶଲ୍ୟାଙ୍କୁ ପୂର୍ବରୁ ବିବାହ କରିଥିଲେ ବି, ତାଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ । ସେଥିପାଇଁ କୈକେୟୀଙ୍କୁ ବିବାହ

କରି ପିତୃତ୍ୱର ସୌଭାଗ୍ୟ ପ୍ରାପ୍ତି କାମନା କରି କେକୟରାଜ ଅଶ୍ୱପତିଙ୍କ ନିକଟକୁ ବିବାହ ପ୍ରସ୍ତାବ ପ୍ରେରଣ କରିଥିଲେ । ରଘୁବଂଶର ସ୍ୱନାମଧନ୍ୟ ରାଜା ଦଶରଥଙ୍କ ପ୍ରସ୍ତାବରେ ଅଶ୍ୱପତି ସମ୍ମତ ହେଲେ ମଧ୍ୟ କନ୍ୟାର ବିବାହ ଦେବାକୁ ଏକ ସର୍ତ୍ତ ରଖିଥିଲେ । କୈକେୟୀଙ୍କ ପୁତ୍ର ହିଁ ରାଜ୍ୟର ସିଂହାସନରେ ଆସୀନ ହେବାର ସର୍ତ୍ତ ଥିଲା । ସନ୍ତାନ ପ୍ରାପ୍ତି ନିମିତ୍ତ ବ୍ୟାକୁଳ ମହାରାଜ ଦଶରଥ କେକୟରାଜ ଅଶ୍ୱପତିଙ୍କ ସର୍ତ୍ତରେ ସମ୍ମତ ହୋଇ କୈକେୟୀଙ୍କୁ ବିବାହ କଲେ, ଯାହା ରଘୁକୁଳର ରୀତିକୁ ବିରୁଦ୍ଧାଚରଣ କରିବାର ସମ୍ଭାବନା ଥିଲା । ବିବାହପରେ ତାଙ୍କସହ ତାଙ୍କର ଧାଈ ମନ୍ଥରା ବି ଅଯୋଧ୍ୟାକୁ ଆସିଥିଲେ ।

କୌଶଲ୍ୟା ଥିଲେ ପାଟରାଣୀ । ବିବାହ ପରେ ସ୍ୱାମୀଙ୍କୁ ଆକୃଷ୍ଟ କରିବା ବା ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିବାକୁ କୈକେୟୀ ଉଦ୍ୟମ କରିଥିଲେ । ଦେବାସୁର ସଂଗ୍ରାମରେ ରଥର ସାରଥୀହୋଇ କୈକେୟୀ ମହାରାଜ ଦଶରଥଙ୍କ ଅଧିକ ପ୍ରିୟ ହେବାର ସୌଭାଗ୍ୟ ଲାଭ କରିଥିଲେ । ଏକଦା ଦେବାସୁର ସଂଗ୍ରାମରେ ଦେବତାଙ୍କୁ ସହାୟତା କରିବା ସମୟରେ ଦଶରଥ ଶମ୍ବରାସୁରର ସମ୍ମୁଖୀନ ହେଲେ । ସାରଥୀ ଥିଲେ କୈକେୟୀ । ଶମ୍ବରାସୁରର ଆକ୍ରମଣରେ ଚେତାଶୂନ୍ୟ ହେଲେ ଦଶରଥ, ପୁନଶ୍ଚ ରଥର ଚକ ମଧ୍ୟ ଭଗ୍ନପ୍ରାୟ ହୋଇଥିବା ସମୟରେ ନିଜର ସମୟୋପଯୋଗୀ ଚତୁର ବୁଦ୍ଧିବଳରେ ରଥର ଗତି ନିୟନ୍ତ୍ରଣ କରିବାସହ ରଥି ଦଶରଥଙ୍କୁ ସଙ୍କଟଜନକ ସ୍ଥିତିରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ କୈକେୟୀ । ସେଥିପାଇଁ ଦୁଇଗୋଟି ବର ଯାଚଞ୍ଚା କରିଥିଲେ ମହାରାଜ ଦଶରଥ । ଯାହା ଉପଯୁକ୍ତ ସମୟରେ ମାଗି ନେବାକୁ କୈକେୟୀ ଇଚ୍ଛା ପ୍ରକାଶ କରନ୍ତେ, ସେଥିରେ ମହାରାଜ ଦଶରଥ ସମ୍ମତ ହୋଇଥିଲେ ।

କୌଣସି ସମୟରେ ମହାରାଜ ଦଶରଥ ଓ ତାଙ୍କ ରାଜ୍ୟ ସମ୍ବନ୍ଧରେ କୈକେୟୀ, କୁଳ-ପୁରୋହିତଙ୍କ ସହ ଆଲୋଚନା କରୁଥିଲେ । ସେହି ଆଲୋଚନାବେଳେ ପୁରୋହିତ ଅଯୋଧ୍ୟା ସମ୍ପର୍କରେ କିଛି ଭବିଷ୍ୟବାଣୀ କରିଥିଲେ । ମହାରାଜ ଦଶରଥଙ୍କ ଅନ୍ତେ ଚଉଦବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି ପୁତ୍ର ରାଜସିଂହାସନରେ ଆସୀନ ହୋଇପାରିବେ ନାହିଁ । ସେହି ଚଉଦବର୍ଷ ମଧ୍ୟରେ ଯଦି କୌଣସି ପୁତ୍ର ସିଂହାସନ ଆରୋହଣ କରେ, ତେବେ ରଘୁବଂଶ ଧ୍ୱଂସ ହେବା ନିଶ୍ଚିତ । ସେହି ଚଉଦବର୍ଷ ବି ରାଜ୍ୟର ଦୁର୍ଦ୍ଦିନ ସମୟ ହେବ । ଏହି କଥା ସହ ନିଜପୁତ୍ର ଅଯୋଧ୍ୟା ସିଂହାସନରେ ବସିବାକୁ ମହାରାଜ ଦଶରଥଙ୍କ ଅଙ୍ଗୀକୃତ ସର୍ତ୍ତ କୈକେୟୀଙ୍କର ସ୍ମୃତିରେ ରହିଯାଇଥିଲା ।

ସମୟକ୍ରମେ ନିସନ୍ତାନ ମହାରାଜ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରି ଚାରିପୁତ୍ରଙ୍କ ଜନକ ହେଲେ । ଶ୍ରୀରାମ ହେଲେ ଜ୍ୟେଷ୍ଠ, ଦ୍ୱିତୀୟ ପୁତ୍ର ଭରତ, ସେହି କ୍ରମରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ହୋଇଥିଲେ । ରାଜକୁମାରମାନେ ରଘୁକୁଳର ପରମ୍ପରା ଅନୁଯାୟୀ ଶିକ୍ଷାଗ୍ରହଣ କଲେ ଓ ଉପଯୁକ୍ତ ସମୟରେ ସେମାନଙ୍କର ବିବାହ ମଧ୍ୟ ଯଥାରୀତି ସମ୍ପନ୍ନ ହୋଇଥିଲା ।

ବହୁପୂର୍ବରୁ କୈକେୟୀଙ୍କ ନଜରରେ ଅଯୋଧ୍ୟାର ଚଉଦବର୍ଷିଆ ଦୁର୍ଦ୍ଦିନ ନିକଟତର ହେଉଥିଲା । ତେଣୁ ରଘୁବଂଶର ରକ୍ଷା କରିବାର ଚିନ୍ତା ଥିଲା । ପୁନଶ୍ଚ କୌଣସି ପୁତ୍ର ରାଜ କରିପାରିବେ ନାହିଁ ବୋଲି

ହୋଇଥିବା ଭବିଷ୍ୟବାଣୀ କିପରି ସମ୍ଭବ ହୋଇପାରିବ, ତାହା ଉପରେ ତାଙ୍କର ସମ୍ପୂର୍ଣ୍ଣ ସନ୍ଦେହ ଥିଲା । ଏହି ସମୟରେ ଦେବୀ ସରସ୍ୱତୀ କୈକେୟୀଙ୍କୁ ବଶ୍ୟକରି ତାଙ୍କ ମାଧ୍ୟମରେ ଶ୍ରୀରାମଙ୍କୁ ବନବାସୀ କରାଇଲେ । ଶ୍ରୀରାମଙ୍କୁ ବନଚାରୀ କରିବାପାଇଁ କେକୟରାଜଙ୍କ କନ୍ୟାଦାନର ବିବାହ ସର୍ତ୍ତକୁ ସାକାର କରିବାସହ ରଘୁକୁଳରେ ବଚନର ମୂଲ୍ୟକୁ ଉଚିତ ସ୍ଥାନ ଦେଇ କୈକେୟୀ ନିଜପୁତ୍ରଙ୍କୁ ରାଜା କରିବା ପ୍ରସ୍ତାବ କୁହାଇଥିଲେ । ଏ ଦୁଇଟି ପ୍ରସ୍ତାବରୁ କୌଣସି ଗୋଟିଏ ବି  ଅନୁଚିତ ନଥିଲା । ତଥାପି କାହିଁକି କେବଳ କୈକେୟୀଙ୍କୁ ନିନ୍ଦିତ କରାଯାଉଛି ବା ଦୋଷ ଦେଉଛନ୍ତି ? ଏପରିକି କୌଣସି ସମାଜରେ "କୈକେୟୀ" ନାମକରଣକୁ ବି ବାସନ୍ଦ କରାଯାଇଛି ।

ଏ ସମସ୍ତ ବିଷୟ ଉତ୍ଥାପନ କରି କୈକେୟୀ ଶ୍ରୀରାମଙ୍କୁ କେତୋଟି ପ୍ରଶ୍ନର ଉତ୍ତର ଜିଜ୍ଞାସା କଲେ । କାରଣ  କୈକେୟୀ କୌଣସି ଗର୍ହିତ ଅପରାଧ କରିନଥିଲେ ମଧ୍ୟ କାଳକାଳ ପାଇଁ ନିନ୍ଦାର ପାତ୍ର ହୋଇଗଲେ । କୁଳର ରକ୍ଷା କରିବାସହ ଶ୍ରୀରାମଙ୍କ ଅବତାରୀ କର୍ମର ସଫଳ ରୂପାୟନରେ କୈକେୟୀଙ୍କ ଉଦ୍ୟମକୁ ସାରା ଜଗତ କାହିଁକି ଭିନ୍ନ ଚକ୍ଷୁରେ ଦେଖିଆସୁଛି ?

ଏବେ ପୁତ୍ର ଶ୍ରୀରାମ ମାତାଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରି କହିଲେ ଯେ ପ୍ରକୃତରେ ସେ ଥିଲେ ଏକ ଅବତାର ପୁରୁଷ । ବିବାହ କାର୍ଯ୍ୟ ସମ୍ପନ୍ନ ହେବାପରେ ସଂସାରୀ ହେବାର ସମ୍ଭାବନା ଥିଲା । ତାହା ଏଡ଼ାଇବାକୁ ନାରଦମୁନିଙ୍କ ମାଧ୍ୟମରେ ଦେବଗଣ ଶ୍ରୀରାମଙ୍କୁ ସଚେତନ କରାଇଥିଲେ । ରାଣୀ କୈକେୟୀଙ୍କୁ ମାଧ୍ୟମ କରିବାର ପ୍ରଧାନ କାରଣ ହେଲା –

ମହାରାଜ ଦଶରଥ ରାଣୀ କୈକେୟୀଙ୍କୁ ମାତ୍ରାଧିକ ପ୍ରେମ କରୁଥିବାରୁ, କୈକେୟୀଙ୍କର ସମସ୍ତ ତିକ୍ତ ମଧୁର ଭାଷାକୁ ଗ୍ରହଣ କରିବାର ସମ୍ଭାବନା ଥିଲା । ସେଥିପାଇଁ କୈକେୟୀ ନିଜର ମନୋବାଞ୍ଛା ପୂର୍ଣ୍ଣ କରିବାକୁ ମହାରାଜଙ୍କ ଠାରୁ ପ୍ରାପ୍ତ ଦୁଇଟି ବର ମାଗିବା ପୂର୍ବରୁ ସତ୍ୟ କରାଇ ପାରିଥିଲେ । ମହାରାଜ ମଧ୍ୟ ବିନା ବିଚାରରେ ଶ୍ରୀରାମଙ୍କ ନାମରେ ସତ୍ୟ କରି ଭରତଙ୍କ ରାଜ୍ୟାଭିଷେକ କରିବା ଏବଂ ଶ୍ରୀରାମଙ୍କୁ ଦଣ୍ଡକାରଣ୍ୟକୁ ପ୍ରେରଣ କରିବାର ଇଚ୍ଛା ପୂର୍ଣ୍ଣ କରିବାକୁ ବଚନ ପ୍ରଦାନ କରିଦେଲେ । ବିବାହ ପୂର୍ବରୁ କୈକେୟୀଙ୍କ ପୁତ୍ର ରାଜସିଂହାସନର ଅଧିକାରୀ ହେବାକୁ ନିଜେ ଦଶରଥ କେକୟରାଜାଙ୍କ ନିକଟରେ ଅଙ୍ଗୀକାର କରିଥିଲେ । କୈକେୟୀଙ୍କ ବ୍ୟକ୍ତିଗତ ବିଚାରରେ କେବଳ ଭରତଙ୍କୁ ନିଷ୍କଣ୍ଟକ କରିବାକୁ ଶ୍ରୀରାମଙ୍କୁ ବନବାସୀ କରାଯାଇଥିଲେ ବି ଏହାକୁ ବିଷ୍ଣୁମାୟା କହିବାକୁ ହେବ । ଏହା ଦ୍ୱାରା ଅବତାରୀ ଦାୟିତ୍ୱ ସମ୍ପନ୍ନ କରିବା ସମ୍ଭବ ହୋଇଥିଲା । ଯଦିଓ ଏହି ଦୁଇଟି ବଚନ ଅଲୌକିକ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହୋଇଥିଲା, କିନ୍ତୁ ଲୌକିକ ମତରେ ନିନ୍ଦିତ ହେଲେ କୈକେୟୀ ।

ମହାରାଜ ଯେଉଁ ସମୟରେ ଦୁଇଟି ବର ଯାଚଞ୍ଚା କରିଥିଲେ, ସେତେବେଳେ ତାହା ପ୍ରକାଶ ନକରି ପରବର୍ତ୍ତୀ ସମୟରେ ତାହା ହାସଲ କଲାବେଳେ ସର୍ବସମ୍ମତ ଭାବରେ ସ୍ଥିରୀକୃତ ଯୁବରାଜଙ୍କୁ ହଠାତ୍ ବନବାସୀ କରିବାକୁ ଉଦ୍ୟମ କରିଥିବାରୁ, ସମସ୍ତଙ୍କ ନଜରରେ କୈକେୟୀଙ୍କ ନ୍ୟୂନ ବିଚାରକୁ ଇଙ୍ଗିତ କରୁଛି ।

ଶ୍ରୀରାମ, କୈକେୟୀଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । କିନ୍ତୁ ତାଙ୍କୁ ରାଜମହଲର ଆରାମଦାୟକ ଜୀବନରୁ ଦଣ୍ଡକାରଣ୍ୟକୁ ବିତାଡ଼ିତ କରିବା ପ୍ରସଙ୍ଗକୁ କେହି ସହଜରେ ଗ୍ରହଣ କରିବା ସମ୍ଭବ ହେଉନଥିବାରୁ କୈକେୟୀଙ୍କ ହୀନମନ୍ୟତାର ପରିଚୟ ଦେଉଛି ।

ରାଜକୁମାର ରାମଚନ୍ଦ୍ରଙ୍କୁ ଯୁବରାଜ କରିବାକୁ ମହାରାଜ ଦଶରଥ ମନସ୍ଥ କରିଥିଲେ । ତେଣୁ ରାଜସଭାରେ ନିଜର ଈପ୍ସିତ କାମନାକୁ ସର୍ବସମ୍ମତ ପ୍ରସ୍ତାବରେ ରୂପାୟିତ କରିପାରିଥିଲେ । ପୁନଶ୍ଚ ପରଦିନ ଅଭିଷେକ ଉତ୍ସବର ଆୟୋଜନ କରିଥିଲେ । ଏହି ସମ୍ବାଦ ରାଜମହଲରେ ପ୍ରଚାରିତ ହୋଇନଥିଲା । କୈକେୟୀଙ୍କୁ ପ୍ରସନ୍ନ କରିବାକୁ ତାଙ୍କ ପ୍ରିୟପୁତ୍ରର ଅଭିଷେକ ଉତ୍ସବର ଆୟୋଜନ କରାଯାଉଥିବା ସମ୍ବାଦ ନିଜେ ମହାରାଜ ପ୍ରଦାନ କରିବାକୁ ରାଣୀ ମହଲରେ ପ୍ରବେଶ କରିଥିଲେ । କିନ୍ତୁ କୈକେୟୀଙ୍କ ଉତ୍ତରରେ ମହାରାଜଙ୍କୁ ଧରାଶାୟୀ କରିବା, କୈକେୟୀଙ୍କ କଠୋର ହୃଦୟର ସୂଚନା ଦିଏ ।

ଶ୍ରୀରାମଙ୍କ ବଦଳରେ ପୁତ୍ର ଭରତର ଅଭିଷେକ କରିବା ପ୍ରସଙ୍ଗ କୈକେୟୀଙ୍କର ସ୍ୱାର୍ଥପରତାକୁ ଇଙ୍ଗିତ କରୁଥିବା ବେଳେ, ଶ୍ରୀରାମଙ୍କୁ ବନବାସୀ କରିବାକୁ ଆଗ୍ରହୀ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରେ । ଏହି ପ୍ରସ୍ତାବ ପେସ୍ କରିବା ପୂର୍ବରୁ, ମହାରାଜଙ୍କଠାରୁ ସତ୍ୟ କରାଇ ନେଇଥିଲେ । ଅନ୍ୟ କେହି ସେହି ପ୍ରସ୍ତାବ ଦେଇଥିଲେ, ମହାରାଜ ତାଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରିପାରିଥାଆନ୍ତେ, କାରଣ ଅନ୍ୟମାନଙ୍କ କ୍ଷେତ୍ରରେ ସତ୍ୟଭଙ୍ଗ ହେବାର ସମ୍ଭାବନା ନଥିଲା ।

କୈକେୟୀଙ୍କୁ ବିବାହ କରିବା ପୂର୍ବରୁ ମହାରାଜ ଦଶରଥ କେକୟରାଜଙ୍କ ସର୍ତ୍ତକୁ ଅଙ୍ଗୀକାର କରିଥିଲେ । ଫଳରେ କୈକେୟୀଙ୍କ ପୁତ୍ର ରାଜ ସିଂହାସନରେ ବସିବା ନିଶ୍ଚିତ ଥିଲା । ସେହି ଅଙ୍ଗୀକୃତ ସର୍ତ୍ତକୁ ରୂପାୟିତ କରି ରଘୁକୁଳର ନୀତିପରାୟଣତାକୁ ଉଜ୍ଜ୍ୱଳତର କରିବାକୁ ନିଜପୁତ୍ରକୁ ରାଜସିଂହାସନରେ ବସିବାର ପ୍ରୟାସ କରାଯାଇଥିଲା ।

ଏତଦ୍ ବ୍ୟତୀତ ଶ୍ରୀରାମ ଅବତାରୀ ଭାବରେ ସଂସାରକୁ ପାପଭାରାରୁ ରକ୍ଷା କରିବାକୁ ରାବଣ ଓ କୁମ୍ଭକର୍ଣ୍ଣ ରୂପୀ ବିଷ୍ଣୁଲୋକର ଦ୍ୱାରପାଳ ଜୟ, ବିଜୟଙ୍କୁ ଶାପମୁକ୍ତ କରିବା ଥିଲା ପ୍ରଥମ ଦାୟିତ୍ୱ ଏବଂ କର୍ତ୍ତବ୍ୟ ।

କୈକେୟୀଙ୍କୁ ସମସ୍ତେ ଭିନ୍ନ ନଜରରେ ଦେଖିଲେ, ତାଙ୍କର ନିନ୍ଦା କଲେ ସତ, କିନ୍ତୁ ଜଗତର କଲ୍ୟାଣପାଇଁ ସେ ପ୍ରୟାସ କରିଥିବା କଥା କାହା ନଜରରେ ଆସୁନାହିଁ । ସେ ରଘୁକୁଳକୁ ଧ୍ୱଂସମୁଖରୁ ରକ୍ଷା କରିବାକୁ ଯେତିକି ପ୍ରୟାସୀ, ରଘୁକୁଳର ବଚନର ମୂଲ୍ୟକୁ ସେତିକି ଗୁରୁତ୍ୱ ଦେବାର ମାନସିକତା – ସାଧାରଣ ପ୍ରଜା ଏବଂ ଆମ ଲୌକିକ ନଜରରେ ବିଚାର କରାଯାଇ ନାହିଁ ।

ରାମାୟଣ କଥାର ସ୍ରଷ୍ଟା ବାଲ୍ମିକୀ । କିନ୍ତୁ ପରବର୍ତ୍ତୀ ସମୟରେ ରାମାୟଣ କଥାରେ ବହୁ ତଥ୍ୟ ଯୋଗ ଓ ବିଯୋଗ ହୋଇ ବହୁଭାବରେ ପ୍ରକାଶିତ ହୋଇଛି ସତ, କିନ୍ତୁ କୈକେୟୀ ଏବଂ ଭରତଙ୍କ ଚରିତ୍ର ସମସ୍ତ ରାମାୟଣରେ ସ୍ଥାନିତ ହୋଇଛି । ଅନେକ ତଥ୍ୟ ଅଲିଖିତ ଭାବରେ ଲୋକମୁଖରେ ପ୍ରଚାରିତ

ମଧ୍ୟ । ଅବତାରୀ ପୁରୁଷ ଶ୍ରୀରାମ ରାମାୟଣର ଏକ ମୁଖ୍ୟ ଚରିତ୍ର ହୋଇଥିଲେ ବି କୈକେୟୀ ଏବଂ ଭରତଙ୍କ ପରି ଏହି ଦୁଇ ଚରିତ୍ର ବିନା ରାମାୟଣ ସଦା ସର୍ବଦା ଅସମ୍ପୂର୍ଣ୍ଣ ।

ତେଣୁ ସୂକ୍ଷ୍ମ ବିଚାରରେ କୈକେୟୀ ନିନ୍ଦନୀୟା ହୋଇପାରିବେ ନାହିଁ, ବରଂ ତାଙ୍କର ମହନୀୟ ବିଚାର ରାମାୟଣକୁ ସ୍ମରଣୀୟ କରିଥିବାରୁ ସେ ନିଶ୍ଚିତ ଭାବରେ ବନ୍ଦନୀୟା ।

ooo

ବି.ଦ୍ର.: ବାଲ୍ମିକୀ ରାମାୟଣ (ସଂସ୍କୃତ) ଅଯୋଧ୍ୟା କାଣ୍ଡ, ସର୍ଗ-୧୧, ଅଧ୍ୟାୟ ୧୦୭, ଶ୍ଳୋକ – ୦୩ - କୈକେୟୀଙ୍କ ପୁତ୍ର ରାଜା ହେବାକୁ ଦଶରଥଙ୍କ ସମ୍ମତି ।

ooo

**ପ୍ରଭାତ ରଞ୍ଜନ ବେହୁରା**, ବି.ଏସସି, ବି.ଏଡ୍, କାନାରା ବ୍ୟାଙ୍କରୁ ସେବାନିବୃତ୍ତ ପ୍ରବନ୍ଧକ । ବ୍ୟାଙ୍କରେ ନିଯୁକ୍ତି ପାଇବା ପୂର୍ବରୁ ସେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ । ସେବାନିବୃତ୍ତ ହେବା ପରେ ସେ ଓଡ଼ିଆ ଭାଷାର ଶୁଦ୍ଧତା ପ୍ରତି ଧ୍ୟାନ ଦେଇ ଏକାଧିକ ପୁସ୍ତକ ଓ ପତ୍ରିକାର ପ୍ରୁଫ୍ ସଂଶୋଧନରେ ସମୟ ଦେବା ସହିତ ମାସିକ ସାହିତ୍ୟ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ବର୍ତ୍ତମାନ ସହ-ସମ୍ପାଦକ ଅଛନ୍ତି । ସେ ଅନୁବାଦ, ପ୍ରବନ୍ଧ ଲିଖନରେ ସମୟ ଅତିବାହିତ କରିବାକୁ ପସନ୍ଦ କରନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

# ଆମ ଚାଷ ଉପକରଣ

Srujan ISSN 2976-9329

## ଅଜୟ କୁମାର ମିଶ୍ର

ଗଢ଼ଣ ହେଉଛି ସଭ୍ୟତାର ଆଦିମ ଫର୍ଦ୍ଦ, ଜୀବନଚଳଣିର ଆଦ୍ୟ ଉପାଦାନ। ଗଢ଼ଣ ବଳରେ ଆଦିମାନବ ଆଜିର ଅତ୍ୟାଧୁନିକ ମାନବରେ ହୋଇଛି ପରିଣତ । କେଉଁ ପ୍ରାଗୈତିହାସିକ କାଳରୁ ଅଦ୍ୟାବଧି ପ୍ରଲମ୍ବିତ ମାନବଜୀବନ, ମାନବସଭ୍ୟତାର ଅନ୍ତରାଳରେ କେବଳ ଗଢ଼ଣର ନିରବଚ୍ଛିନ୍ନ ଭୂମିକା ରହି ଆସିଥିବା ପ୍ରସଙ୍ଗକୁ ଐତିହାସିକ, ସମାଜଶାସ୍ତ୍ରୀ, ନୃତତ୍ତ୍ୱବିତ୍, ବୈଜ୍ଞାନିକ, ଲୋକସଂସ୍କୃତିବିତ୍‌ମାନେ ଦୃଢ଼ ଭାବରେ ସ୍ୱୀକାର କରି ଆସିଛନ୍ତି । ତେବେ ଗଢ଼ଣ କ'ଣ ? ସର୍ବନିମ୍ନ ଉତ୍ତର ହେଉଛି, ତିଆରି, ସୃଷ୍ଟି, ସର୍ଜନ । ଆଦିମାନବର ଖାଦ୍ୟ, ବସ୍ତ୍ର, ବାସଗୃହ - ସବୁକିଛି ଆବଶ୍ୟକତା ଦୃଷ୍ଟିରୁ ସାକାର ହୋଇଛି। ବ୍ୟକ୍ତି-ଜୀବନ, ଦଳଗତ-ଜୀବନ, ଗୋଷ୍ଠୀଗତ-ଜୀବନ କ୍ରମରେ, ଆଦିମଣିଷଟି ପ୍ରଥମେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ନିର୍ମାଣରେ ସଫଳ ହେବା ପରେ ଆଦି-ସଭ୍ୟତା କ୍ରମଶଃ ସଂସ୍କୃତି ସର୍ଜନ କରିବସିଲା । ଯାଯାବରୀ ଜୀବନରେ ବସ୍ତୁନିର୍ମାଣ କରୁ କରୁ, କ୍ରମେ ସେ ସମାଜ ଗଢ଼ି ନିଜକୁ ବ୍ୟବସ୍ଥିତ କରିବାରେ ସକ୍ଷମ ହେବା ସ୍ୱାଭାବିକ କଥା । ସମଗ୍ର ବିଶ୍ୱସଂସ୍କୃତି ଅନ୍ତରାଳରେ ମୂଳ ହେଉଛି ବିଭିନ୍ନ ବସ୍ତୁଗଢ଼ଣ ଜନିତ ବସ୍ତୁସଂସ୍କୃତି । ସଂଶିତ ଚର୍ଚ୍ଚାରେ କେବଳ କୃଷି ପାଇଁ ଗଢ଼ଣ ବା ଚାଷ ଉପକରଣ ପ୍ରସଙ୍ଗ ଉପସ୍ଥାପିତ ହେଉଛି ।

### ଅଖିତୃତୀୟା

ସାରା ବିଶ୍ୱ ପରିପ୍ରେକ୍ଷୀରେ କୃଷିଭିତ୍ତିକ ରାଜ୍ୟ ଓଡ଼ିଶା, ଆପଣାର ସାଂସ୍କୃତିକ ପରିଚୟ ଓ ସ୍ୱାତନ୍ତ୍ର୍ୟ ସୃଷ୍ଟି କରି ଆସିଛି । କୃଷିଚଳଣି ସହିତ ସେ ମିଶାଇ ଦେଇଛି ଆଧାତ୍ମିକ ଭାବନା । ସବୁରି ଅନ୍ତରାଳରେ ଓଡ଼ିଆ ନିଜ ସର୍ଜନଦକ୍ଷତାକୁ ଗଭୀର ଈଶ୍ୱରବିଶ୍ୱାସ ସହିତ ଜଡ଼ିତ କରିଆସିଥିବା ଲକ୍ଷ୍ୟ କରାଯାଏ । ଓଡ଼ିଶାରେ ଧାନଚାଷ ମୁଖ୍ୟ, ଯାହା ବୈଶାଖମାସ ଶୁକ୍ଳପକ୍ଷ ତୃତୀୟାରେ ଆରମ୍ଭ ହୁଏ । ଏହା ହେଉଛି ଅକ୍ଷୟତୃତୀୟା। ଓଡ଼ିଆର ସର୍ବମାନ୍ୟ ଦେବତା ସ୍ୱୟଂ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥନିର୍ମାଣ ଏଇଦିନ ଶୁଭାନୁକୂଳ କରାଯାଏ । ପରମ୍ପରା ଅନୁଯାୟୀ, ଏଇ ଦିନ ଅତି ସକାଳୁ ଚଷାପୁଅ ଗାଧୁଆପାଧୁଆ ସାରି ନୂଆ ଲୁଗା ପିନ୍ଧି ହଳ ଯୋଚି ବିଲରେ ପହେଞ୍ଚ । ବିଲର ଦକ୍ଷିଣ-ପୂର୍ବ କୋଣରେ ପାଣି ଛିଞ୍ଚି, ଭୋଗ ଲଗାଇବା ସହ ମାଆ ଧରିତ୍ରୀଙ୍କୁ ମୁଣ୍ଡିଆ ମାରି ହଳ ଅନୁକୂଳ କରେ ଓ ବିହନ ବୁଣେ । ଏଇ ବିହନ ହେଉଛି ଅଖିମୁଠି ବା ଅକ୍ଷୟମୁଷ୍ଟି, ଯାହାର କ୍ଷୟ ନ ଥାଏ । ବର୍ଷକ ପାଇଁ ଉପଯୁକ୍ତ ଫସଲ ପାଇବା ଆଶାରେ ଅଖିତୃତୀୟା ପାଳିତ ହୁଏ ।

ଅକ୍ଷୟତୃତୀୟା ତିଥିରେ ଚାଷୀ ଆନନ୍ଦ ମନେ,
ହଳ ଅନୁକୂଳ କରଇ ବିଲେ ଲଙ୍ଗଳମୁନେ ।
ଗଉଣୀରେ ଧାନ ବିହନ ପୂଜାଡାଲାକୁ ନେଇ

ପୂଜି ସେ ଧରଣୀ ମାଆଙ୍କୁ, ଅକ୍ଷିମୁଠି ବୁଣଇ ।
ବରଷ ତମାମ ଖାଇବ, ହେଲେ ଭଲ ଫସଲ,
ପାଞ୍ଚତୁଣ୍ଡେ ଦାନା ବାଢ଼ିବ, ତା'ର ଚିନ୍ତା ଅସଲ ।
ଆଜିକା ଟ୍ରାକ୍ଟର କାଳରେ ହଳ ଲଙ୍ଗଳ ଗଲା,
ହଳ ଅନୁକୂଳ କେବଳ, ଫଟୋ ଉଠିଲେ ହେଲା ।
ଟଙ୍କି ଚାଉଳର ଦାନାରେ ଚାଷୀ ଚାଷ ଭୁଲିଚି
ବଡ଼ବଡ଼ିଆଙ୍କ ସାଥିରେ ଫଟୋ ପୋଜ୍ ଦେଉଚି ।
ଅତୀତର ହଳ ଲଙ୍ଗଳ ଏବେ କେଉଁ ହାଲରେ ?
ମନ ଉଣା କରି ମଉନ ଏଇ ମିଶ୍ରଶାଳରେ ।।

**ଚିତ୍ର-୧ - ଅକ୍ଷିତୃତୀୟା**



**ଲଙ୍ଗଳ**

ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି, ମାତ୍ର ତିନିଖଣ୍ଡ କାଠରେ ଗଢ଼ା ଲଙ୍ଗଳ ହେଉଛି ପ୍ରଧାନ କୃଷି ଉପକରଣ । ଏହାର ତଳ ଅଂଶଟି ମୁଣ୍ଡା, ଯାହାର ଅଗ୍ରଭାଗଟି ପୂରା ଗୋଜିଆ ହୋଇଥାଏ । ଏହାର ପଛ ଭାଗ ଉପରକୁ ଖାନ୍ଦି କରି ଠିଆ ବାଗରେ ଅଗ୍ରଭାଗ ବାଙ୍କୁଲି ଥିବା ଅନ୍ୟ କାଠଖଣ୍ଡ ଯୋଡ଼ି, ଏକ ଖିଲ ମରାଯାଏ । ଖିଲଟି ହେଉଛି କଣ୍ଟିଖିଲ, ଠିଆ କାଠଖଣ୍ଡଟି ହେଉଛି କଣ୍ଟି । କଣ୍ଟି ଉପରେ ଥିବା ବକ୍ରଭାଗଟି ହଳମୁଠି । ମୁଣ୍ଡାର ଗୋଜିଆ ଅଂଶରେ ଲୁହାଫାଳ ଯୋକିଆ କଣ୍ଟା ଦେଇ ଯୋଡ଼ାଯାଏ । ମୁଣ୍ଡାର ପଛଭାଗରେ ତେଢ଼ିଆ ବାଗରେ ଗାତ କରି ଏଥିରେ ସଳଖ କାଠ ବା ବାଉଁଶ ହେଉଛି ଈଷ । ମୁଣ୍ଡାରେ ଈଷ ତେରେଛା ଭାବେ ଯୋଡ଼ାଯାଇ ପଛରେ କିଳା ଦିଆଯାଏ । ଏହା ହେଉଛି ପିଛିକିଳା । ଲଙ୍ଗଳର କଣ୍ଟିକିଳାରୁ ଲଙ୍ଗଳ ଦଉଡ଼ିକୁ ପଛପଟ ଦେଇ ବୁଲାଇ ଆଣି ଈଷ ମଝାମଝି ଛନ୍ଦ ପକାଇ ଅଗଯାଏ ନେଇ ଯୁଆଳିରେ ଥିବା ଆନ୍ଧଦଉଡ଼ିରେ ଶକ୍ତ ଭାବରେ ବନ୍ଧାଯାଏ । ଚଷା, ଯୁଆଳି ଦି'ପଟେ ବଳଦ ଯୋଚି, କଣ୍ଟି ଧରି ବଳଦ ଅଡ଼ାଇଲେ, ଭୂଇଁକୁ ଲୁହାଫାଳ ଚାଷ କରେ । ସବୁ ପ୍ରକାରର ଶସ୍ୟ ଚାଷ ପାଇଁ ଲଙ୍ଗଳ ନିହାତି ଉପଯୋଗୀ କୃଷିଉପକରଣ । ଓଡ଼ିଶାରେ ସ୍ୱୟଂ ବଳଭଦ୍ର କୃଷିଦେବତା ଭାବେ ସର୍ବମାନ୍ୟ, ସେ ଲଙ୍ଗଳାୟୁଧ, ବଜ୍ରଲାଙ୍ଗଳୀ, ତାଙ୍କ ରଥ ହେଉଛି ଲଙ୍ଗଳଧ୍ୱଜ ।

ଋଷି ହଳେ କନ୍ୟା, ମାଟିରୁ ପାଇଲା ଯା ଲୁହାଫାଳ
କାଠରେ ତିଆରି ଚାଷୀ-ଚାଷ-ସାଥୀ ମୁଇଁ ଲଙ୍ଗଳ ।
ତେଢ଼ିଆ ମୁଣ୍ଡାରେ ବଢ଼ିଆ ଭାବରେ ଲାଗିଚି ଲୁହା
ମୁଣ୍ଡା ଉପରକୁ ବାଙ୍କୁଲା କଣ୍ଟିଟା ହେଇଚି ଠିଆ ।
ମୁଣ୍ଡା କଣ୍ଟି ଯୋଡ଼ମୁଣ୍ଡରୁ ଲମ୍ବିଚି ଈଷ ମୋଅର
ଯୁଆଳି ମଝିରେ ଆଗପଟ ବନ୍ଧା ଅଛିଟି ତା'ର ।
ଯୁଆଳି ଦି'ମୁଣ୍ଡ କାଳିଆ କସରା କାନ୍ଧରେ ଥୁଆ
କଣ୍ଟି ଧରି ଚାଷୀ ଟାକରା ଫୁଟାଇ ଚଷଇ ଯାହା ।
ଜମି ଚାଷ କରି ବୁଣଇ ବିହନ ମନେ ଶରଧା
ଖରା, ବର୍ଷା, ଜାଡ଼ ଦେଇ ନପାରନ୍ତି ତାହାକୁ ବାଧା ।
ହଳମାଟି ସମତଳ କରିବାକୁ ଟଣାଏ ମଇ
ହିଡ଼ମୁଣ୍ଡେ ବସି ଘରଣୀ ତୋରାଣି ମୁନ୍ଦାକ ପିଇ ।
ଚାଷଦିଅଁ ବଳରାମଙ୍କ କାନ୍ଧରେ ମୁଁ ଶୋଭାପାଏ
ଅକ୍ଷିତୃତୀୟାରେ ପୁରାଣ କାହାଣୀ ଭାଳୁଚି କିଏ ?
ଟ୍ରାକ୍ଟର ପାୱାରଟିଲର୍ ଯୁଗରେ ହଳ ଅଲୋଡ଼ା,
ମନ ମାରି ହଳ-ଲଙ୍ଗଳ ମିଶ୍ରଶାଳରେ ଛିଡ଼ା ।।

ଚିତ୍ର-୨- ଲଙ୍ଗଳ



## ଯୁଆଳି

କେବଳ ଲଙ୍ଗଳରେ ଚାଷ ହୁଏ ନାହିଁ । ଲଙ୍ଗଳର ଚିରସାଥି ହେଉଛି ଯୁଆଳି । ସଳଖ କାଠ ବା ବାଉଁଶରେ ଏହା ତିଆରି । ଏହାର ଦୁଇମୁଣ୍ଡରୁ ପ୍ରାୟ ମୁଠୁଣିଏଁ ଛାଡ଼ି, ମୁଠୁଣିଏଁ ଲମ୍ବର ଦୁଇଗୋଟି ବଡ଼କିଳା, ତଳପଟକୁ ଲମ୍ବ ବାଗରେ ଖଞ୍ଜାଯାଏ । ଏହା ହେଉଛି ସଅଳ। ସଅଳର ତଳ ଭାଗରେ କଣା କରି ଛୋଟପଘା ଲାଗିଥାଏ । ଏହା ହେଉଛି ସଅଳଦଉଡ଼ି । ଏହାକୁ ବଳଦ ବେକର ତଳପଟେ ନେଇ ଯୁଆଳିର ଶେଷମୁଣ୍ଡରେ ବାନ୍ଧି ବଳଦ ଯୋଚାଯାଏ । ଯୁଆଳିର ଠିକ ମଝିରେ ଦୁଇ ଆଙ୍ଗୁଳର ଗୋଟେ ଖିଲ ଉପରକୁ ଥାଏ । ଏଠାରୁ ଚାଖଣ୍ଡେ ମାପର ଗୋଟେ ଦଉଡ଼ି ଫାଶକରି ତଳକୁ ଓହଳିଥାଏ । ଏହା ହେଉଛି ଆନ୍ଧଦଉଡ଼ି । ଏହା ଭିତରେ ଲଙ୍ଗଳର ଈଷ ଭରିଦେଇ ଲଙ୍ଗଳ ଦଉଡ଼ିରେ ବନ୍ଧାଯାଏ । ତେଲଘଣା ଓ ଶଗଡ଼ ଚଳାଇବାରେ ଯୁଆଳି ବିଶେଷ ଉପଯୋଗୀ । ଶଗଡ଼ଯୁଆଳିର ଶେଷ ଦୁଇମୁଣ୍ଡରେ କଣା କରାଯାଇ ପ୍ରାୟ ଏକହାତ ଲମ୍ବ ଓ ଦୁଇ ଆଙ୍ଗୁଳ ଗୋଲେଇର ଦୁଇଟି କାଠି ଉପରୁ ତଳକୁ ଭରାଯାଏ । ଏହା ହେଉଛି ବାକୁଲି। ବଳଦପଘାକୁ ବାକୁଲିରେ ଛନ୍ଦାଯାଏ । ଫଳରେ ବଳଦର କାନ୍ଧ ବାକୁଲି ବାହାରକୁ ଯାଇପାରେ ନାହିଁ । ମୁଠୁଣି କହିଲେ ଆମ ହାତର କହୁଣିଠାରୁ କୁଞ୍ଚିତ କାଣିଆଙ୍ଗୁଠି ମୂଳଗ୍ରନ୍ଥି ଯାଏ ଲମ୍ବକୁ ବୁଝାଏ ।

ଲଙ୍ଗଳ, ଶଗଡ଼, ତେଲଘଣା ସାଙ୍ଗ ଯୁଆଳି ମୁହିଁ
ମୋ ବିନା ଏମାନେ ଚଳି ନପାରନ୍ତି ଏକଲା କେହି ।
ସବୁରି ସକାଶେ ଅଲଗା ଗଢ଼ଣ କେତେ ଦେଖିଲ
ଶଗଡ଼େ ଲାଗିଲେ ଦି'ପାଖେ ବାକୁଲି ହୁଅଇ ଖିଲ ।

ଲଙ୍ଗଳ ସାଙ୍ଗରେ ଯୋଚା ହେଲେ ମୋର ଆନ୍ଧ ଦଉଡ଼ି
କାନ୍ଧରେ ବଳଦେ ଓଟାରନ୍ତି ଟିକେ ସଅଳ ଛାଡ଼ି ।
ଘଣାରେ ଲାଗିଲେ ଦି'ପାଖେ ଦିଓଟି ଡେଲିଙ୍ଗି ଛନ୍ଦା
ଘଣା ଟାଣୁଥିବା ବଳଦ ବାପୁଡ଼ା ମଝିରେ ବନ୍ଧା ।
କାଠେ ଅବା ଟାଣ ବାଉଁଶରେ ଗଢ଼ା ମୋ କଳେବର
ବାକୁଲି, ସଅଳ ଅବା ଖିଲ ବିନ୍ଧା ଦେହରେ ମୋର ।
ସାରା ଜୀବନଟା ବଳଦଙ୍କୁ ଦେଇ ନାନା ଯାତନା
ଯନ୍ତର ଯୁଗରେ ଆଶ୍ରାନେଲି ମିଶ୍ରଶାଳରେ ସିନା ।।

**ଚିତ୍ର-୩- ଯୁଆଳି**



## ମଇ

ଲଙ୍ଗଳ, ଯୁଆଳି ଭଳି, ମଇ ହେଉଛି ଅନ୍ୟତମ ବିଶେଷ ଚାଷୋପକରଣ । ଦୁଇଗୋଟି ସିଧା କାଠ ବା ସରୁ ବାଉଁଶରେ ଏହା ତିଆରି ହୁଏ । ଉଭୟ ବାଉଁଶ ମଝିରେ ଚାଖଣ୍ଡେ ବ୍ୟବଧାନ ରଖି ପାଞ୍ଚଗୋଟି ଫଳି ଗାତକରି ବିନ୍ଧାଯାଏ । ଦୁଇପାଖର ବାହାର ଅଂଶରୁ ଚାଖଣ୍ଡେ ଛାଡ଼ି ଦୁଇମୁଣ୍ଡରେ ଦୁଇଟି ଛୋଟ ଖିଲ ମରାଯାଏ। ଉଭୟ ମୁଣ୍ଡରେ ଦୁଇଗୋଟି ଦଉଡ଼ା ଲଗାଇ, ବଳଦଙ୍କ ମାପ ମାଫିକ, ଗୋଡ଼ ପଟୁ ଦଉଡ଼ାକୁ ଯୁଆଳି ଦୁଇପାଖରେ ବନ୍ଧାଯାଏ । ମଇ ଉପରେ ଚାଷୀ ଠିଆ ହେଇ ବଳଦ ଅଡ଼ାଇଲେ, ମଇକୁ ବଳଦ ଟାଣନ୍ତି । ହଳକ୍ଷେତର ଢିପାଣିଆଁ ଅଂଶକୁ ମଇ ଟାଣି ସମତଳ କରାଯାଏ । ବୁଣା ବିହନ ଉପରେ ହଳମାଟିକୁ ମଧ୍ୟ ମଧ୍ୟ ଚାପି ଘୋଡ଼ାଇ ଦେଇଥାଏ ।

ଶିଡ଼ି ଭଳି ଦିଶେ, ନିଶୁଣି ମୁଁ ନୁହେଁ, ମୁଇଁ ତ ମଇ
ଚାଷକ୍ଷେତେ ବୁଲି ମଟାଳିଆ ଟେଳା ଗୁଣ୍ଡ କରଇ ।

ଦି'ପାଖ ଫଳିରୁ ଯୁଆଳିରେ ବନ୍ଧା ଲମ୍ବା ଦଉଡ଼ା
ମଇ ଦେଲାବେଳେ ମୋ'ପରେ ହଳିଆ ହୁଅଇ ଛିଡ଼ା ।
ବୁଣା ବିହନକୁ କିଆରି ମାଟିରେ ଦିଏ ଚପେଇ
ବରଷା ପଡ଼ିଲେ ଉଷୁମ ବିହନ ଉଠେ ଗଜେଇ ।
ବେଉଷଣ କାଳେ ଟାଣନ୍ତି ବଳଦେ ବିକଳେ ମତେ
ମୋ ଲାଗି ସହନ୍ତି ପାଞ୍ଚଣ ପାହାର କେତେ ନା କେତେ ।
ହଳିଆ ପାଦରେ ଚାପି ହେଇ ହେଇ ଜୀବନ ସାରା
ଟ୍ରାକ୍ଟର ଚାଷେ ମିଶ୍ରଶାଳରେ ତ ନେଲି ଆଶରା ।।

**ଚିତ୍ର-୪- ମଇ**




## ବିଦା

ପ୍ରାୟ ଚାରି ବା ସାଢ଼େ ଚାରି-ହାତର ତାଳ ବା ଶାଳ ଇତ୍ୟାଦି କାଠରେ ତିଆରି ବିଦା ହେଉଛି ଅନ୍ୟତମ ସ୍ୱତନ୍ତ୍ର ଚାଷୋପକରଣ । ଏହାର ଚଉଡ଼ା ଆଠ ଆଙ୍ଗୁଳ ଓ ଉଚ୍ଚତା ଦଶ ଆଙ୍ଗୁଳ ହୋଇଥାଏ । ଚଉଆଂଶିଆ ଏଇ କାଠରେ ପ୍ରତି ତିନି ଚାରି ଆଙ୍ଗୁଳ ଛଡ଼ାରେ ଗୋଟାଏ ଲେଖାଏଁ ଲୁହାକଣ୍ଟା ଉପରୁ ତଳକୁ ମୁନପଟ ରଖି ବିନ୍ଧାଯାଇଥାଏ ।  ବିଦାର ଦୁଇ ମୁଣ୍ଡରୁ ଦୁଇଟି ଦଉଡ଼ି ଲମ୍ବାଇ ଯୁଆଳିରେ ଶକ୍ତ ଭାବରେ ବନ୍ଧାଯାଏ । ବିଦାର ଉପରପଟେ ଠିଆ ହେଇ ଚାଷୀ ବଳଦ ଅଡ଼ାଇଲେ, ତଳପଟେ ଥିବା ଲୁହାକଣ୍ଟା ମୁନ ଚାଷଜମିରେ ତଳକୁ ଫୁଟିଯାଇ ମାଟି ଖୋଳି ହାଲକା କରେ । ଅନାବନା ଗଛମାନ ଉପୁଡ଼ି ପଡ଼େ । ଚାଷମାଟିକୁ ହାଲକା କରିବାରେ ବିଦା ବିଶେଷ ସହାୟକ । ବିଶେଷତଃ ବିଆଳି, ଅଶିଣା ଓ ଖରୁଡ଼ି ଚାଷରେ ବିଦା ଦିଆଯାଏ ।

ଚାଷ ସରଞ୍ଜାମ ବିଦା ମୋ ନାମ,
ଲଙ୍ଗଳ ପରିକା କରେ ମୁଁ କାମ ।
ଚଉଅଂଶା କାଠ ସରଳ ସିଧା,
ଟିକେ ଟିକେ ଛାଡ଼ି କଣ୍ଟା ଯେ ବିନ୍ଧା ।
କଣ୍ଟାମୁନ ଥାଏ ତଳ ପଟେ ଟି,
ଘୋଷାରି ଖୋଳଇ ହାଲକା ମାଟି ।
ମୋର ଦୁଇମୁଣ୍ଡୁଁ ଦଉଡ଼ି ଦୁଇ,
ୟୁଆଳିରେ ଚାଷୀ ବାନ୍ଧି ଦିଅଇ ।
ମଇ ପରି ମୋର ଉପରେ ଗୋଡ଼,
ଥୋଇ ବଳଦଙ୍କୁ କରେ ଘଉଡ ।
ମୋ ମୁନେ ଉପୁଡ଼ି ପଡ଼ଇ ଘାସ,
ବାଛି ଚାଷୀ କରେ ଚାଷ ସରସ ।
ମୋ ଲାଗି ବଳଦ ଭୋଗେ କଷଣ,
ନୋହିଲେ ବସଇ ପାଞ୍ଚ ପାଞ୍ଚଣ ।
ଟ୍ରାକ୍ଟର ଚାଷରେ ହୋଇ ଅଲୋଡ଼ା,
ବିଦା ଆସି ମିଶ୍ରଶାଳରେ ଛିଡ଼ା ।।

**ଚିତ୍ର-୫- ବିଦା**



## ଶଗଡ଼

ପାରମ୍ପରିକ ପରିବହନ ସହିତ ସଂପୃକ୍ତ ଯାନ ଶଗଡ଼ ଚାଷ କ୍ଷେତକୁ ଖତ ବିହନ ଇତ୍ୟାଦି ନେବା ଓ କ୍ଷେତରୁ ଅମଳ ହେଉଥିବା ଫଳ, ପନିପରିବା, ନଡ଼ା, ହଳା, ଓ ସବୁପ୍ରକାରର କୃଷିଜାତ ଦ୍ରବ୍ୟକୁ ଖଳାକୁ ଆଣିବା ଓ କ୍ରୟ ବିକ୍ରୟ କରିବାରେ ବିଶେଷ ସହାୟକ ହୋଇଥାଏ । ଏବେ ବି ଆଧୁନିକ ପରିବହନର ଅପହଞ୍ଚ ସ୍ଥାନରେ ଶଗଡ଼ ସେବା ଜାରି ରହିଛି । ଶାଳ, ତେନ୍ତେରା, ଧଉରା ଆଦି ମଜଭୁତ କାଠରେ ଶଗଡ଼ଚକ ଗଢ଼ାଯାଏ । ଚକର ତୁମ୍ବଠାରୁ ସମ-ବ୍ୟବଧାନ ରଖି ଆଠଗୋଟି ଅର ଚକର ବାହାର ଗୋଲେଇ ସହିତ ଖାନ୍ଦି କରି ଯୋଡ଼ାଯାଏ । ଚକର ବାହାର ଗୋଲେଇ ଉପରେ ପତଳା ଲୁହାଚାଦର ଘେରାଯାଏ । ଏହା ହେଉଛି ହାଲ । ରାସ୍ତାରେ ଯିବାବେଳେ, କାଠଅଂଶକୁ ଘୋରିହେବାରୁ ହାଲ ସୁରକ୍ଷା କରେ । ଚକ ଦୁଇଟିକୁ ଲୁହାଅଖରେ ସଂଯୋଗ କରାଯାଇ, ଚକା ବାହାରି ନ ଯିବା ପାଇଁ ଲୁହାର ଦୁଇପାଖେ, ପତଳା ଲୁହାଖିଲ ବିନ୍ଧାଯାଏ । ଏହା ହେଉଛି ଅଣଖିଲ ।

ଲୁହା-ଅଖ ଉପର ପଟେ ଚାରି ପାଞ୍ଚ ଆଙ୍ଗୁଳ ମୋଟାର କାଠଖଣ୍ଡ ଶକ୍ତ ଭାବରେ ଯୋଡ଼ାଯାଏ । ଏହା ଉପରେ ସଳଖ ଲମ୍ବା କାଠ ବା ବାଉଁଶ ଖିଲ ଦେଇ ସଂଯୋଗ କରାଯାଏ । ଏଇ ପଞ୍ଜରାର ପଛପାଖ ହେଉଛି ଦଣ୍ଡା ଓ ଆଗପଟ ହେଉଛି ମହଣ୍ଡା। ମହଣ୍ଡାର ଆଗପଟେ ଯୁଆଳି ବାନ୍ଧି, ଦୁଇପାଖରେ ବଳଦ ଯୋଚି, ବଳଦ ଅଡ଼ାଇଲେ ଶଗଡ଼ ଗତିଶୀଳ ହୁଏ । ଶଗଡ଼ ଉପରେ ଓଦର ରଖି ଏଥିରେ ଖତ, ଫଳ, ପନିପରିବା ପ୍ରଭୃତି ନିଆଅଣା କରାଯାଏ । ଜିନିଷ ଓ ମଣିଷ ପରିବହନରେ ଶଗଡ଼ ମୁଖ୍ୟ ସହାୟକ ପାରମ୍ପରିକ ଯାନ । ଜନ ଯାତାୟାତ ପାଇଁ ଟାଟିଲଗା ଶଗଡ଼ ବ୍ୟବହୃତ ହୁଏ ।

କେଉଁ ଅତୀତରୁ ଜନମ ନାମ 'ଶଗଡ଼' ମୋର
ଦୁଇ କାଠଚକ ଉପରେ ଥୁଆ ଗଣ୍ଡି ମାତର ।
ଆଗପାଖ ଗୋଜ ମୁଣ୍ଡରେ ଅଛି ଯୁଆଳି ଛନ୍ଦା
ଯୁଆଳିର ଦୁଇ ପାଖରେ ଦୁଇ ବଳଦ ବନ୍ଧା ।
ଯୁଆଳି ଦି'ମୁଣ୍ଡ ଦି'କିଳା ନାମ ଅଟେ ବାକୁଲି
ଏଥେ ଯୋଚା ଦୁଇ ବଳଦ ନପାରନ୍ତି ହୁଗୁଳି ।
ଗୋଜ ଆଗପାଖ ଯୋଡର୍ ନାମ ଅଟେ ମହଣ୍ଡା
ଅଖ ପଛପଟ ଅଂଶଟି ପରା ଶଗଡ଼ଦଣ୍ଡା ।
ଅଖ ଦି'ପାଖରେ  ଦି'ଚକ କାଳେ ଯିବ ହୁଗୁଳି
ଦୁଇ ଲୁହାକିଳା ଲାଗିଛି ନାମ ଯେ ଅଣଖିଲି ।
ଚକା ଘେରିଥିବା ଲୁହାର ନାମ ଅଟଇ ହାଲ
ବଳଦଙ୍କ ଚାରିଖୁରାରେ ପିଟା ଲୁହାଟି ନାଲ ।
ବଳଦ ମଇଁଷି ଟାଣନ୍ତି ମୋତେ ଯତନେ ଅତି
ରେଳ ବା ମଟର ସଭିଏଁ ପରା ମୋଅର ନାତି ।
ନାତି ବିଜେ ହେଲେ ଯେକାଳେ କାମ ତୁଟିଲା ମୋର
ଏ କଥା  ଜାଣି ମୁଁ ପଶିଲି ଆସି  ମିଶ୍ରଶାଳର ।।

**ଚିତ୍ର-୬- ଡାଟିଲଗା ଶଗଡ**



**ଟେଣ୍ଡା**

ପାରମ୍ପରିକ କୃଷିର ଜଳସେଚନ ବ୍ୟବସ୍ଥାରେ ଅତି ଆବଶ୍ୟକ ସହାୟକ ସରଳ ସେଚଯନ୍ତ୍ର ହେଉଛି ଟେଣ୍ଡା । ଦ୍ୱିତୀୟ ଶ୍ରେଣୀର ଭାରଦଣ୍ଡ ହୋଇଥିବାରୁ ଏଥିରେ ଅଳ୍ପ ଶ୍ରମରେ ଅଧିକ ସୁବିଧା ମିଳେ । ପାଣି ଭିତରେ କାଠ ବା ବାଉଁଶରେ ଟେଣ୍ଡା ଭାଡ଼ି ତିଆରି ହୁଏ । ଭାଡ଼ିଠାରୁ ଛଅ ସାତ ହାତ ଦୂରରେ ଦୁଇଟି ଉଚ୍ଚା ଖୁଣ୍ଟ ପୋତି ଏହା ଉପରେ ଆଡ଼ବାଗରେ ଅନ୍ୟ ଏକ କାଠ ବା ବାଉଁଶଖଣ୍ଡ ଆଡ଼ିବାଉଁଶ ଭାବରେ ଯୋଡ଼ାଯାଏ । ଦୁଇହାତ ଲମ୍ବର ଅଖ କାଠକୁ ସମ ଭାବରେ ଏହା ଭିତରେ ପ୍ରବେଶ କରାଯାଏ । ଏହା ହେଉଛି ମାଙ୍କୁଡ଼ି । ଏହାର ଲମ୍ବାବାଗରେ ଶକ୍ତ ସିଧା ଲମ୍ବା ବାଉଁଶ ଶକ୍ତ ଭାବରେ ବାନ୍ଧି ଦିଆଯାଏ । ଏହା ହେଉଛି ବାହାଲ ବାଉଁଶ । ଏହାର ଆଗପାଖ ପଛ ତୁଳନାରେ ବେଶି ଲମ୍ବା । ଆଗ ପଟରେ ପାଣିଭାଡ଼ି ପର୍ଯ୍ୟନ୍ତ ଲମ୍ବିଥିବା ଅଂଶରେ କତା ଦଉଡ଼ିରେ ଯୋଡ଼ି ଆଉ ଖଣ୍ଡେ ସରୁ ଓ ସିଧା ବାଉଁଶ ତଳକୁ ଝୁଲାଇ, ଏଥିରେ ପାଣି ଉଠାଇବା ପାଇଁ ବାଲତି, ହାଣ୍ଡି ଇତ୍ୟାଦି ଝୁଲାଯାଏ । ଏହା ହେଉଛି ହାତବାଉଁଶ। ବାହାଲ ବାଉଁଶର ଅନ୍ୟପଟରେ ଓଜନିଆଁ ପଥର ବନ୍ଧାଯାଇଥାଏ । ଟେଣ୍ଡାଭାଡ଼ି ଉପରୁ ଜମିର ଭୂମି ପର୍ଯ୍ୟନ୍ତ ତାଳ ବା ନଡ଼ିଆ ଗଛର ଗଣ୍ଡିଫାଳରୁ ଶସ କୋରି ତିଆରି ଅଂଶକୁ ଢାଲିପଟିଆ କରି ଲମ୍ବାଇ ଦିଆଯାଏ । ଏହା ହେଉଛି ନୋଧା । ଟେଣ୍ଡାଭାଡ଼ି ଉପରେ ଦୁଇପାଖକୁ ଗୋଡ଼ ଦେଇ ଠିଆ ହେଇ ହାତ ବାଉଁଶ ଦ୍ୱାରା ଟେଣ୍ଡୁଆ ପାଣି ଉଠାଇ ନୋଧାରେ ଢାଳିଦିଏ । ନୋଧାପାଣି ଗଡ଼ି ଗଡ଼ି ଯାଇ କ୍ଷେତରେ ପାଣି ମାଡ଼ିବା ପାଇଁ କରାଯାଇଥିବା ନାଳିରେ ପହେଞ୍ଚ। ଚାଷୀ ବା ଯେଉଁ ଲୋକଟି ପାଣି ଉଠାଇବାକୁ ଟେଣ୍ଡାଭାଡ଼ି ଉପରେ ଛିଡ଼ା ହୋଇଥାଏ, ତାଙ୍କୁ ଟେଣ୍ଡୁଆ କହନ୍ତି ।

ପାଣିଖାଲେ ଉଭା ବାଉଁଶ ଭାଡ଼ି, ତଥିପରେ ଚାଷୀ ଥାଏଟି ଚଢ଼ି ।
ବାହାଲ ବାଉଁଶ ଦି'ଖୁଣ୍ଟେ ଭାରା, ପଛରେ ପଥର ବନ୍ଧାଟି ପରା ।
ହାତ ବାଂଶେ ବନ୍ଧା ବାଲ୍ଟି ବା ହାଣ୍ଡି, ନୋଧା ବାଟେ ପାଣି ଦିଅଇ ଟେଣ୍ଡି ।
ପାଣି ମଡ଼ାଇ ଟେଣ୍ଡାରେ ଭେଣ୍ଡିଆ, ଶୁଖିଲା ଖେତକୁ କରେ ଉଠିଆ ।
ସେଚ ପଏଣ୍ଟ୍ଟି ଆସିଲା ଯେବେ, ମିଶ୍ରଶାଳେ ଟେଣ୍ଡା ପଶିଲା ସେବେ ।।

ଚିତ୍ର-୭- ଡେଣ୍ଡା



## ଓଳିଆ

କେଉଁ ଅତୀତରୁ ଶସ୍ୟ ଓ ବିହନ ସଂରକ୍ଷଣ କରିବା ପାଇଁ କୁଟାପୁଡ଼ାରେ ତିଆରି ଉପକରଣ ହେଉଛି ଓଳିଆ । କେବଳ କୁଶଳୀ ଲୋକେ ହିଁ ଓଳିଆ ବାନ୍ଧିପାରନ୍ତି। ନୂଆଘର ତିଆରି ବେଳେ ଚନ୍ଦନ ସିନ୍ଦୂର ଫୁଲ ଦେଇ ଓଳିଆକୁ ପୂଜା କରାଯାଏ । ଅଭାବ ବେଳେ ଓଳିଆ ଭାଙ୍ଗି ସଂରକ୍ଷିତ ଖାଦ୍ୟଶସ୍ୟକୁ ବିନିଯୋଗ କରାଯାଏ । ପାଳକୁଟା ଗୋଛାରେ ଶସ୍ୟ ଭରି, ପାଳଦଉଡ଼ି ଗୁଡ଼ାଇ ଅତି ଯତ୍ନରେ ଓଳିଆ ବନ୍ଧାଯାଏ। ଭୂମିପଉନଠାରୁ ସାମାନ୍ୟ ଉଚ୍ଚରେ ଭାଡ଼ି କରି ଓଳିଆ ରଖାଯାଏ ।

ନଥିଲା ଅଖା ବା ଥଳିଆ,
ତା'ଆଗୁଁ ଜନମ ଓଳିଆ ।
ଶସ୍ୟ ଯେ ଧାନ-ମୁଗ-ବିରି,
କୁଟାପୁଡ଼ାରେ କରି ଭରି ।
ପାଳର ଦଉଡ଼ିରେ ଛନ୍ଦି,
ମତେ ରଖନ୍ତି ଦୃଢ଼େ ବାନ୍ଧି ।
ଶସ୍ୟ ସଂଭାର ପେଟେ ଥାଇ,
କେବେ ହେଁ ଖାଇ ନ ପାରଇ ।
ବନ୍ଧନେ ଥିଲେ ମୁଁ ତଥାପି,
ଶସ୍ୟ ମୁଁ ରଖଇ ସଞ୍ଚି ।
ଆଜିକା ଅଖା ଓ ଥଳିଆ,
ଦେଖିଣ ବିଦାୟ ଓଳିଆ ।
ସାତ ସପନ ମୁଇଁ ଏବେ,
ମିଶ୍ରଶାଳରେ ବସି ଭାବେ ।।

**ଚିତ୍ର-୮ - ଓଳିଆ**



ꝏꝏꝏ

**ଡକ୍ଟର ଅଜୟ କୁମାର ମିଶ୍ର**, ପିଏଚ୍.ଡି, ଡି.ଲିଟ୍, ସେବାନିବୃତ୍ତ ସହଯୋଗୀ ପ୍ରଫେସର୍, ଗବେଷକ, ଲେଖକ, ଶିଳ୍ପୀ, କାରିଗର । ୩୭ବର୍ଷ ଓଡିଆଭାଷା ସାହିତ୍ୟ ଅଧ୍ୟାପନା । ତାଙ୍କ ତତ୍ତ୍ୱାବଧାନରେ ୫ଜଣ ପିଏଚ୍.ଡି ଡିଗ୍ରୀ ପ୍ରାପ୍ତ । ଅଦ୍ୟାବଧି ୭୧ଗୋଟି ପୁସ୍ତକ ଓ ଚାରିଗୋଟି ଅଭିଧାନ ପ୍ରକାଶିତ । କେତେକ ପୁସ୍ତକର ୨୦ରୁ ଉର୍ଦ୍ଧ୍ୱ ସଂସ୍କରଣ ପ୍ରକାଶିତ । ଏବେ ଓଡିଶାର ଅବଲୁପ୍ତପ୍ରାୟ ପାରମ୍ପରିକ ଗଢଣକୁ ନିଜ ହାତରେ ଗଢି ନିଜ ଉଦ୍ୟମରେ ଏକ କ୍ଷୁଦ୍ର ସଂଗ୍ରହାଳୟ କରି ଏସବୁର ସଂରକ୍ଷଣ କରିଛନ୍ତି । ଏସବୁକୁ ନେଇ କର୍ମଶାଳା ଆୟୋଜନ ଓ ଅତୀତ ଲୋକସଂସ୍କୃତି ପାଇଁ ସଚେତନତା ସୃଷ୍ଟି କରନ୍ତି । ଏହା ସହିତ ଓଡିଆ ଲୋକସଂସ୍କୃତି ସମ୍ପର୍କରେ ଗବେଷଣା ଓ ଏସବୁକୁ ବିଭିନ୍ନ ମଞ୍ଚରେ ଉପସ୍ଥାପନା କରି ଆସୁଛନ୍ତି । ମଧୁପାଟଣା, କଟକରେ ରହନ୍ତି ।  ଆଲୋଚ୍ୟ ଲେଖାରେ ଡକ୍ଟର ମିଶ୍ରଙ୍କ ନିଜ ହାତଗଢ଼ା ଉପକରଣର ଫଟୋଚିତ୍ର ସବୁ ଦିଆଯାଇଛି । ଏସବୁ ଜିନିଷ ଡକ୍ଟର ମିଶ୍ରଙ୍କ ଦ୍ୱାରା ସଂରକ୍ଷିତ ମିଶ୍ରଶାଳରେ ରଖାଯାଇଛି ।

# ଗଣତନ୍ତ୍ର- ଆମର ସୃଷ୍ଟି

SRUJAN
The Creativity Journal
Srujan ISSN 2976-9329

**ଅଲେଖ ନନ୍ଦୀ**

ଆମେ ତ ଆମକୁ          ଚିହ୍ନି ପାରୁ ନାହୁଁ
          ପରର ଧରୁଛୁ ଗୋଡ଼
ଆଖି ଥାଇ ଆମେ          ଅନ୍ଧ ବୋଲାଉଛୁ
          ଜୀବ ଥାଇ ଆମେ ଜଡ଼ ।୧।

ଗଣତନ୍ତ୍ର ବୋଲି          ବୋଲାଉଛି ଯାହା
          ସିଏତ ପୁରୁଣା କଥା
ଆମ ସଂସ୍କୃତିର          ଦେବତା ମଧ୍ୟରେ
          ହୋଇଅଛି ତାହା ଗୁନ୍ଥା ।୨।

ଏକଛତ୍ରବାଦ          ନାହିଁ ଏ ଧର୍ମରେ
          ଏ ଧର୍ମ ବିଚିତ୍ର ଅତି
ଦେବ ଦେବ ମଧ୍ୟେ          ଅଲଗା ଅଲଗା
          ବିଭାଗ ହୋଇଛି ବାଣ୍ଟି ।୩।

ସରବେ ଆପଣା          ଆପଣା ବିଭାଗେ
          ଅଟନ୍ତି ଯେ ଶକ୍ତିମାନ
କେହି କା' ବିଭାଗେ          ହସ୍ତକ୍ଷେପ ନାହିଁ
          ଇଏତ ଆପଣା ମାନ ।୪।

କୁବେର ଦେବତା          ଧନ ଅଧିକାରୀ
          ବରୁଣ ଜଳାଧିପତି
ଇନ୍ଦିରା ଐଶ୍ୱର୍ଯ୍ୟ          ବିମଳା ମାଧୁର୍ଯ୍ୟ
          ବିଦ୍ୟାଦାତ୍ରୀ ସରସ୍ୱତୀ ।୫।

ମଘବା ମେଘର          ସୂର୍ଯ୍ୟ ଆଲୋକର
          ଚନ୍ଦ୍ର ସୁଶୀତଳ କର
ପବନ ବାୟୁର          ଦୁର୍ଗା ଶକତିର
          କାଳୀ ଧ୍ୱଂସ କରିବାର ।୬।

ସୃଷ୍ଟିର କରତା         ବିଧାତା ବୋଲାଇ
        ପାଳନ କରତା ହରି
ସଂହାର କରତା         ସଦାଶିବ ହର
        ଶକ୍ତିଭାଗ ଏହିପରି ।୭।

ପୁରାଣର ପୃଷ୍ଠା         ଅବଲୋକନରେ
        ହୋଇଥାଏ ଏହା ସ୍ପଷ୍ଟ
ପରକୁ ବୋଲାଉ         ଅଗ୍ରଣୀ ଏଥିରେ
        ପରଦ୍ୱାରା ଏହା ସୃଷ୍ଟ ! ।୮।

ꝏꝏꝏ

# ବଡ଼ିମା

SRUJAN
The Creativity Journal
Srujan ISSN 2976-9329

## ଅଲେଖ ନନ୍ଦୀ

ଯେତେ ଦିନ ଯାଏ         ବୁଝିପାରିବୁନି
        ତୁ ସବୁ ଲୋକରେ ଏକ
ସେତେ ଦିନ ଯାଏ         ହଜାଇ ବସିବୁ
        ତୋର ଏ ବୁଦ୍ଧି ବିବେକ ।୧।

ଆତମ ବଡ଼ିମା         ଦେଖାଇ ହୋଇବୁ
        ଆପଣେ ଡେଙ୍ଗୁରା ପିଟି
ପର କିଏ ତୋତେ         ନ ପଚାରୁ ପଛେ
        ଘର ପଛେ ଝାଟିମାଟି ।୨।

ଚାରିକାନ୍ଥ ମଧ୍ୟେ         ତୋହର ଗାରିମା
        ହୋଇଯିବ ସୀମାବଦ୍ଧ
ଯେତେ ଚେଷ୍ଟା କଲେ         ତାହାର ମଧ୍ୟରେ
        ଶ୍ୱାସ ହୋଇଯିବ ରୁଦ୍ଧ ।୩।

ବଡ଼ ଘର କରି         ବଡ଼ ଦାନ କଲେ
        ବଡ଼ବଡ଼ କଲେ ପାଟି
କେହି ନଶୁଣିବେ         ଟିକିଏ ମାତର
        ଶୁଖିଯିବ ତୋର ତୋଟି ।୪।

ଯଦି ତୋତେ କେହି ବଡ଼ ବୋଲି କହେ
ଲୋକ ଦେଖାଣିଆ ପାଇଁ
ସେ ବଡ଼ପଣିଆ ସକାଳରେ ଥିବ
ସଞ୍ଜକୁ ଯିବ ଉଭେଇ ।୫।

ପଇସାକୁ ଦେଇ କେ କିଣି ନ ପାରେ
ପରର ଆପଣା ପ୍ରୀତି
ସବୁକୁ ଆପଣା କରିବାକୁ ହେଲେ
ବଦଳାଅ ତୋର ମତି ।୬।

ସଭିଙ୍କ ମଝିରେ ତୁ ହୋଇଲେ ଏକ
ଆତମ ବଡ଼ିମା ଛାଡ଼ି
ପର ବି ଆପଣା ତୋତେ କରିନେବ
ନିଜ ବିପଦରେ ପଡ଼ି ।୭।

ଆତମ ବଡ଼ିମା ଆତମ ଗାରିମା
ଲେଖିବା ଶୁଣିବା ଛାଡ଼ି
ପର ସାଥେ ମନ ମିଳାଇ ଦେଏ ତୁ
ସବୁ ତୋତେ ନେବେ ଭିଡ଼ି ।୮।
୦୦୦

# ମାନବ ଧର୍ମ

Srujan ISSN 2976-9329

**ଅଲେଖ ନନ୍ଦୀ**

ନୁହେଁ ମୁହିଁ ହିନ୍ଦୁ ନୁହେଁ ମୁସଲମାନ
ନୁହେଁ ମୁହିଁ ଖ୍ରୀଷ୍ଟିୟାନ
ନୁହେଁ ମୁହିଁ ଶିଖ ନୁହେଁ ମୁହିଁ ପାର୍ସି
ନୁହେଁ ମୁହିଁ ବୌଦ୍ଧ ଜୈନ

ମନ୍ଦିରେ ମୁଁ ହିନ୍ଦୁ ଚର୍ଚ୍ଚେ ଖ୍ରୀଷ୍ଟୀୟାନ
ମସଜିଦେ ମୁସଲମାନ
ଦେରାସରେ ଜୈନ ସିନାଗେ ଇହୁଦୀ
ଗୁରୁଦ୍ୱାରେ ଶିଖଜନ

ଯେଉଁଠାରେ ଯାଇ ସେଠାରେ ମୁଁ ସେହି
ଅଧର୍ମ ବୋଲି ନ ମଣ
ସବୁଧର୍ମ ମୋର ଆପଣାର ଅଟେ
କେଉଁଟାର ନୁହେଁ ଜାଣ

ଯାଅ ବୃନ୍ଦାବନ ମକ୍‌କା ଓ ମଦିନା
ଯାଅ ହେ ଜେରୁଜେଲମ
ବିନାସ୍ୱାର୍ଥେ ଅସ- ହାୟର ସହାୟ
ଅଟଇ ମାନବ ଧର୍ମ

ଅସହାୟ ଜୀବେ ନିଃସ୍ୱାର୍ଥ ଭାବରେ
ସହାୟ ହୁଅରେ ଭାଇ
ସବୁ ଧର୍ମ ବଡ଼ କେହି ନୁହେଁ ଛୋଟ
ସବୁଧର୍ମ ସାର ଏହି

ଯେଉଁଠାରେ ଯାଇ ସେ ଧର୍ମ ପାଳଇ
କେଉଁ ଧର୍ମ ନୁହେଁ ମୋର
ମାନବ ଧର୍ମ ଅଟଇ ମୋହର
ନାହିଁ କାହାକୁ ମୋ ଡର ।

ଠଠଠ

**ଡଃ ଅଲେଖ ନନ୍ଦୀ,** ପିଏଚ୍.ଡି, ଡି.ଲିଟ୍, କେନ୍ଦ୍ରୀୟ ସରକାରୀ ବ୍ୟାଙ୍କ୍‌ର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ । ରୁଚି ଓ ତୃପ୍ତି: ସାହିତ୍ୟସାଧନା (ମୁଖ୍ୟତଃ କବିତା), ପଶୁପକ୍ଷୀମାନଙ୍କର ଆଦର ଓ ଯତ୍ନ, ଫୁଲ ଓ ଅନ୍ୟାନ୍ୟ ଗଛମାନଙ୍କର ସେବା ଓ ଯତ୍ନ, ସମାଜସେବା । ବାରଟି ପୁସ୍ତକ ପ୍ରକାଶିତ- (ଦୁଇଟି ଗୀତ ଓ ସଙ୍ଗୀତ- କାଗଜ ଫୁଲର ମହକ ଓ ବାସିଫୁଲ; ସାତଟି କବିତା- ମିଛିମିଛିକା ଗୀତ, ମୋ ପଲ୍ଲୀ, ପଲ୍ଲୀ ଐତିହ୍ୟ, ଅମ୍ଳାନଦ୍ୟୋତି, ପ୍ରଦ୍ୟୋତିକା, ଶତହ୍ରଦା, ଭାସ୍ୱତୀ ତିନୋଟି ଗଳ୍ପ- ଆମ ଐଶ୍ୱର୍ଯ୍ୟ ଭାଗ-୧,୨,୩ । ବିଭିନ୍ନ ପତ୍ରପତ୍ରିକାରେ ଲେଖାମାନ ପ୍ରକାଶ ପାଉଛି । ସ୍ୱଭାବକବି ଗଙ୍ଗାଧର ସ୍ମୃତି ସମ୍ମାନ ଓ କବିସୂର୍ଯ୍ୟ ବଳଦେବ ରଥ ସ୍ମୃତି ସମ୍ମାନ, ଶିଳାଶ୍ରୀ ବିଷୁବ ସମ୍ମାନରେ ସମ୍ମାନିତ । ବର୍ତ୍ତମାନ ଭୁବନେଶ୍ୱରରେ ରହୁଛନ୍ତି ।

# ବନ୍ଧା ପଡ଼ିଛି ଏ ଜୀବନ

SRUJAN
The Creativity Journal
Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ସବୁ ସେମିତି ଅଛି,
ଆକାଶର ନୀଳ ମେଘ ଭିତରେ,
ଝାପ୍ସା ଅନ୍ଧାର ରେ ଟିକି ଟିକି ବାଲିକଣା
ବନ୍ଧା ପଡ଼ିଛି,
ଝୁମୁଛି  ଜହ୍ନ,
ଆଢୁଆଳରେ ଥାଇ ତୁମକୁ ଚିହ୍ନିଲେ
ଆବେଗ ରେ ଡାକିଲେ
ଗଛରୁ ପତ୍ରଟିଏ ଖସିଲେ
ଆନମନା ଲାଗେ,
ସକାଳ ସୂର୍ଯ୍ୟ କିରଣ ରେ
ଶେଫାଳୀ ଫୁଲର
ବାସ୍ନା ବାରି ହୋଇପଡ଼େ
ତଳେ ଗାଲିଚା ନଥିଲେ
ଫୁଲ ସବୁ ନଷ୍ଟ ହୁଏ
ଭାରି କଷ୍ଟ ଲାଗେ
ଝୁରୁଛି ଘାସ,
ଚପଲ ଘୋଷାରି ଘୋଷାରି ଚାଲି
ନପାରିଲେ ବି
ତୁମେ ତ ସବୁବେଳେ ସବୁଠି,
ବଉଳ ଫୁଲ କି କଦମ୍ବ
ସବୁ ତ ସେମିତି ଦିଶୁଛି,
ଦେଖିଲେ
ଆଖି ସଜଳ ଲାଗେ
ଆବେଗରେ ଭରପୂର
ଭରପୂର ପ୍ରୀତିର ଫଗୁଣ,
କେବେ କଣ୍ଟା ପୁଣି
ଗୋଲାପର ପରଶ  ମିଳୁଛି,
ଝୁଲୁଛି ଝୁଲଣ,
ଫୁଲ ଦୋଳି ହେଉ
କି ଆସନ୍ନ ବିପଦ,
ଝୁଲି ଝୁଲି ମନ
ବିଷାଦର ଲମ୍ବା ଦଉଡ଼ିରେ,
ସହିବା ସରୁନି, ଧୈର୍ଯ୍ୟ ବି ରହୁନି,
ଆଗକୁ ଦି'ପାଦ, ପଛକୁ ଦି'ପାଦ
ସମନ୍ୱୟ ରଖିବାକୁ, କ୍ଳାନ୍ତ ଲାଗେ
ଅସଜଡ଼ା ବାସ୍ତବତା ବିନା
ସ୍ୱେଦବାରି ଅନେକ ଖସୁଛି,
ଝଲସୁଛି ଅନେକ ଆଶା,
ଅଜସ୍ର ସ୍ନେହ,
ବିପରୀତ ବିପର୍ଯ୍ୟସ୍ତ ରାସ୍ତା
ସବୁଠି ମନେହୁଏ,
ଏଇଠି ଆରମ୍ଭ
ଆଉ ଏଇ ପୁଣି ଶେଷ
ଚଲାପଥ ବାରିହୁଏ ନାହିଁ,
ଲକ୍ଷ୍ୟ ଚ୍ୟୁତ
ଅକ୍ଟୋପସ୍ ଭଳି
ସବୁଆଡ଼େ ଆଙ୍ଗୁଳି ପ୍ରସାରୀ
ଖୋଜାପଡ଼େ ଚମକ ତୁମର
ସ୍ନେହ ଆଞ୍ଜୁଳାର,
ବନ୍ଧା ପଡ଼ି ମନ ବି ଉଡୁଛି ।
ଓଓଓ

# କବିତା

SRUJAN
The Creativity Journal
Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ଏକ ଆବେଗ ଭରା
ମନର ଅଭିବ୍ୟକ୍ତି,
ପ୍ରକୃତିର ରୂପକୁ
କଲମରେ ତୋଳି
କବି ଭାବନାର ମାନସୀ କନ୍ୟା
ନାଁ ତା'ର ହେଲା କବିତା ।।୧।।

କେତେ ରାଗ ରୋଷ, ମାନ ଅଭିମାନ
ସ୍ନେହ ପ୍ରଣୟ ର ବ୍ୟାକୁଳତା
କେତେ ଯେ ରୂପରେ କାଗଜ ଉପରେ
କେତେ ସମ୍ଭାବନା ହାସ୍ୟ ରସ
ଭାବନାରେ ସେ ପରିଚିତା
ନାଁ ତା'ର ହେଲା କବିତା ।।୨।।

ଅକୁହା ବେଦନା କଳ୍ପନାର ଭାଷା
ଦେଖି ତରୁଲତା ପାହାଡ଼ି ନଈ
ମୃଦୁ ମଳୟର ସୁନ୍ଦର ସପନ
ଶବ୍ଦ ସ୍ମରଣୀୟ ସେ ମୁକୁତା
ଆଖିରେ ଆଖିଏ ଭାବ ନେଇ ଆସେ
ନାଁ ତା'ର ହେଲା କବିତା ।।୩।।

କବି ବୁଝିପାରେ ପାଉଁଜି ର ସ୍ୱର
ଗିରି ଗରଜନ, ପକ୍ଷୀର କୂଜନ
ପ୍ରେମର ପ୍ରଣୟ ବାର୍ତ୍ତା,
ଲେଖନୀ ମୁନରେ ଶବ୍ଦର ପାଖୁଡ଼ା
ଢାଳିଦେଇ ଥାଏ ଆବେଗ ତା
ନାଁ ତା'ର ହେଲା କବିତା ।।୪।।

ସ୍ୱାଭିମାନ ସ୍ୱର ଫୁଟି ଉଠୁଥାଏ
କେତେ କବିତା ର କଳେବର
ସମ୍ପର୍କର ଡୋରି କବି ଓ କବିତା
ତୃପ୍ତି ରେ ଥାଏ ମହକତା,
ଝରଣା ପରି ସେ ଭିନ୍ନ ରୂପ ନିଏ
ସ୍ରୋତସ୍ୱିନୀ ହୁଏ ନଦୀ ପରି,
ଝରାପତରର ଅଙ୍କାବଙ୍କା ଲତା
ଫଳ ଭରା ହୁଏ ଯୌବନ ତା,
ନାଁ ହେଲା ତା'ର କବିତା ।।୫।।
ထထထ

# ଅଦିନିଆ ବର୍ଷା

SRUJAN
The Creativity Journal
Srujan ISSN 2976-9329

## ଜ୍ୟୋସ୍ନା ମିଶ୍ର

ଅନେକ ଅପେକ୍ଷା ପରେ
ବସନ୍ତ ଆସିଛି, ବୈଶାଖର ପରଶ ନେଇ,
ବଉଳର ବାସ୍ନା ଭରା
ଆମ୍ବ ଗଛ ଉହାଡ଼ରେ
କୋଇଲି ଡାକୁଛି ।
ଆକାଶରେ ମେଘର ଚମକ,
ଟୁପ୍ ଟୁପ୍ ଟୁପ୍
ଛାତରେ ଶବ୍ଦ ଶୁଭୁଛି,
ସକାଳୁ ସକାଳୁ
ହାଲୁକା ପବନରେ ମନ ଭରି
ଅଦିନିଆ ବର୍ଷାରେ ଭିଜିବାକୁ
ଭାରି ଭଲ ଲାଗୁଛି ।
ଜଣାନାହିଁ ଋତୁ ସବୁ କୁଆଡ଼େ ଯାଉଛି !
ଖରା ଆଉ ଶୀତ ସହ
ବର୍ଷାର
ଆଲିଙ୍ଗନ ଆଜୀବନ
ଧରା ହିଁ ସହୁଛି ।
ଯେମିତି କି ସାହୁକାର
ସୁଧମୂଳ ହିସାବ ସରେନି
ଦେବା ଆଉ ନେବା
କେବେବି ତୁଟେନି ।
ଅଦିନିଆ ବର୍ଷାରେ
ପଣତ ଶୁଖେନି,
ଧାର ଧାର ବର୍ଷା ପାଣି ସାଥେ
ଚୁଲି ବି ଜଳେନି,
ଶାଗ ପଖାଳରେ
ମନକୁ ବୁଝାଇ
ନିତି ନିତି ମାଟି କାଦୁଅର
ପଟାଳିରେ ଭାବନାର ଖତ ସାର
ଦେଇ ଦେଇ ଜୀବନର ଧାନରୁ
ଚାଉଳ ଖୁଣ୍ଟିବା ମନକୁ, ଖୋଜିଲେ ମିଳେନି ।
ꝏꝏꝏ

**ଡଃ ଜ୍ୟୋସ୍ନା ମିଶ୍ର,** ବୃତ୍ତିରେ ସ୍ବାସ୍ଥ୍ୟ ସେବା, ସାହିତ୍ୟରେ ଆଗ୍ରହ, କବିତାରେ ଲେଖନ୍ତି । ଅନେକ ସାହିତ୍ୟସଂସଦ ଦ୍ୱାରା ସେ ସାହିତ୍ୟସାଧନା ପାଇଁ ପୁରସ୍କୃତ ଓ ସମ୍ବର୍ଦ୍ଧିତ । ବାଙ୍କୀରେ ରହନ୍ତି ।

# ଫଗୁଣ ଆସିଛି

Srujan ISSN 2976-9329

## କୁଞ୍ଜ ବିହାରୀ ସାହୁ

ପେଣ୍ଠା ପେଣ୍ଠା ବଉଳ ଯେ
ଆମ୍ବ ଡାଳେ ଝୁଲଇ,
ସିରିସିରି ପବନରେ
ମଉଜରେ ଫୁଲଇ ।
କହୁଅଛି ଗେଲ୍ହେଇ,
ଫଗୁଣ ଯେ ଆସିଅଛି
ବାଟ-ତୋଟା ମେଲେଇ ॥ ୧
ଆମ୍ବ ଡାଳେ ଲୁଚି ଲୁଚି
ଗୀତଗାଏ କୋଇଲି,
କୋଇଲିର ଗୀତ ଶୁଣି
ମୁଁ ଟିକେ ଶୋଇଲି ।
କୋଇଲିଟି କହିଲା -
କାହିଁକି ଯେ ଶୋଇଗଲୁ
ଫଗୁ ବାଆ ବହିଲା ॥ ୨
କଷି କଷି ଆମ୍ବ କେତେ
ଝୁଲିଅଛି ଡାଳରେ,
ଖାଇବାକୁ କିଆଁ ପିଲେ
ମନେ ଏତେ ଭାଳରେ ?
ଆମ୍ବ କଷି ଫୁଟାଣି,
ଚାଲିଗଲା ଆପେ ଆପେ
ହେଲା ଯେବେ ଚଟଣି ॥ ୩
ସାଙ୍ଗସାଥୀ ହାତେ ଧରି
ନାଲି ନେଳି ରଙ୍ଗଟି,
ବୋଳିଦେଲେ ଖୁସି ହୋଇ
ଭୁଲି ରାଗ-ଢଙ୍ଗଟି ।
ଫଗୁ ରଙ୍ଗ କହିଲା-
ଫଗୁଣରେ ଫଗୁବୋଳା
ମଜାଦାର ହୋଇଲା ॥ ୪
ସାହି ସାହି ବୁଲିଗଲେ
ବିମାନରେ ବସିକି,
ରାଧାକୃଷ୍ଣ ଭୋଗ ଖାଇ
ଦେଲେ ହସିହସିକି ।
ଦେଲେ ଶୁଭକାମନା,
"ଭକତ ହେ ଭଲେ ଥା
ପୂରୁ ମନୋକାମନା ॥" ୫

ଓଓଓ

# ଜଟିଆ ଅଜା

Srujan ISSN 2976-9329

## କୁଞ୍ଜ ବିହାରୀ ସାହୁ

ଚମ ଧୁଡୁଧୁଡୁ ଜଟିଆ ଅଜା
ଜଟିଆ ଅଜାର ପାକୁଆ ପାଟି
ପାନ ଖାଇ ଖାଇ କରନ୍ତି ମଜା
ନାତୁଣୀ ସାଥିରେ ଖେଳନ୍ତି ବାଟି । ୧
ନାତିନାତୁଣୀକୁ କୋଳରେ ଧରି
ଗପ କହୁଥାନ୍ତି - ଶୁଣରେ ପିଲେ,
ରାଇଜର ନାଁ ସପନପୁରୀ
ବଳଶାଳୀ ରାଜା ସେଇଠି ଥିଲେ । ୨
ତୁମ ପରି ଛୋଟ ଦୁଇଟି ପିଲା
ପାଠ ପଢ଼ିଲେନି ବୁଲିଲେ ପରା
ଖେଳକୁଦରେ ତ ସରିଲା ଦିନ
ଚଗଲା ହୋଇକି ପଡ଼ିଲେ ଧରା । ୩
ରଜା ଘରେ ସିନା ଜନମ ହେଲେ
ପାଠ ନ ପଢ଼ିଲେ ପଚାରେ କିଏ
ରାଜା ରାଣୀ ଦୁଃଖେ ରହିଲେ ନିତି
ଦୁଇ ପିଲା ତାଙ୍କ ମଣିଷ ନୁହେଁ । ୪
ବୁଝେଇ କହିଲେ ଜଟିଆ ଅଜା
ପିଲାଏ ପଢୁ ଥା ଦେଇକି ମନ
ପାଠୁଆ ହୋଇଲେ ସଭିଏଁ ଖୁସି
ବଢିବ ପାଠର ଅମୂଲ୍ୟ ଧନ । ୫
ନାତି ନାତୁଣୀଙ୍କ ଓଠରେ ହସ
ଦେଖିଲେ ଜଟିଆ କୋଳରେ ଧରି
ଆଜି ସରିଗଲା ଏଇଠି ଗପ
କାଲିକି କହିବି ମଉଜ କରି । ୬
ꝏꝏꝏ

# ବନ୍ଧୁତାରେ ବିଷ

Srujan ISSN 2976-9329

## କୁଞ୍ଜ ବିହାରୀ ସାହୁ

ନଈକୂଳେ ଦିନେ କଙ୍କଡ଼ା, ବିଛା
ଗପସପ ପାଇଁ କରିଲେ ଇଚ୍ଛା
ବିଛାଟି କହିଲା - "କଙ୍କଡ଼ା ଭାଇ,
ପହଁରି ପାରୁଛୁ ନଈରେ ଥାଇ
ଖୁସି ଲାଗୁଥିବ ତୋତେ,
ଫଟା କପାଳ ମୋ, ପହଁରା ଜାଣିନି
ଶିଖେଇ ଦେଏ ତୁ ମୋତେ ।" ।୧।
କଙ୍କଡ଼ା କହିଲା- "ବଢ଼ିଆ କଥା
ନଈରେ ବୁଲିଲେ ଘୂରିବ ମଥା
ତଥାପି ଏବେ ମୁଁ ବୁଲେଇ ନେବି
ନଈରେ ପହଁରା ଶିଖେଇଦେବି ।"
ନରମି କହିଲା ବିଛା,
"ତୋ' ପରି ସାଙ୍ଗଟି ପାଇଛି ଆଜି ମୁଁ
କରିବି ତୋତେରେ ପିଛା ।" ।୨।

ବିଛାର କଥାକୁ ଭରସା କରି
କଙ୍କଡ଼ା ପହଁରେ ପିଠିରେ ଧରି
ବିଛା ମନେମନେ ହୋଇଲା ଖୁସି
ତା ଟିକି ନାହୁଡ଼େ ଦେଲା ସେ ଭୁଷି ।
କଙ୍କଡ଼ା ଢାଳିଲା ଲୁହ,
ରାଗରେ ବିଛାକୁ ପାଣିରେ ବୁଡ଼ାଇ
କହିଲା- "ପାଣିରେ ରହ ।" ।୩।
ବିଛା ତ ଶିଖିନି ପହଁରା କେବେ
ପାଣିରୁ କେମିତି ଉଠିବ ଏବେ
ଛଟପଟ ହୋଇ ପାଣିରେ ମଲା
ନିଜ ଭୁଲ୍ ପାଇଁ ଜୀବନ ଗଲା ।
ବନ୍ଧୁତାରେ ଦେଲେ ବିଷ
ଛି ..ଛି.. ବୋଲି ସଭିଏଁ କହିବେ
ବିଛା ପରି ହେବ ନାଶ । ୪

ଠଠଠ

**କୁଞ୍ଜବିହାରୀ ସାହୁ** ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନ୍ତି । ବିଶେଷତଃ ଶିଶୁସାହିତ୍ୟ ଓ ସମାଜରେ ଘଟୁଥିବା ଘଟଣା ଓ ସମସ୍ୟାକୁ ପରଖିନିଅନ୍ତି । 'କବିତା କଳିକା' ଓ 'ଫୁଲର ମହକ' ଦୁଇଟି ଶିଶୁକବିତା, 'ରତନା' ସାମାଜିକ ଶିଶୁ ଗପ ସଂକଳନ, 'ଡରକୁଳା ଗୁଣ୍ଡୁଚିମୂଷା' ଗୋଟିଏ ପଶୁପକ୍ଷୀ ସଂକଳନ ସହ 'କାଉ ବସାରେ କୋଇଲି ଅଣ୍ଡା' ଆଦିବାସୀ ଲୋକକଥାକୁ ନେଇ ସଂକଳିତ ହୋଇଛି । ଆକାଶବାଣୀରୁ ଅନେକ ଲେଖା ପ୍ରସାରିତ ହେବା ସହ ସମସ୍ତ ସମ୍ବାଦପତ୍ର, ପତ୍ରପତ୍ରିକାରେ ଗପ, କବିତା, ପ୍ରବନ୍ଧ ପ୍ରକାଶିତ ହୋଇଛି । ଲବ୍ଧପ୍ରତିଷ୍ଠ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନିତ ଓ ପୁରସ୍କୃତ । ସଂପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି ।

# ପ୍ରେମର ଆକାର ୧: କେନ୍ଦ୍ରବିନ୍ଦୁ

SRUJAN
The Creativity Journal
Srujan ISSN 2976-9329

## ରଞ୍ଜିତ କୁମାର ସାହୁ

ତୁମେ ନାହଁ ବୋଲି ଗଗନରେ ଆଜି
ପୂର୍ଣ୍ଣିମା କହିବ ବିରହ ଗାଥା
ପ୍ରଜ୍ୱଳିତ ଏକ ଜ୍ୟେଷ୍ଠର ରାତି
କହିବ ଦଗ୍ଧ ହୃଦୟର କଥା ।

ନୟନରେ  ନାଚେ ଅତୀତର ଛବି
କରେ  ଆଲୋକିତ ସ୍ମୃତି ଜଗତ
ଜୋଛୋନାରେ ଲିପି ପ୍ରତିଟି କ୍ଷଣକୁ
ମାୟାବିନୀ ରାତି ହୁଏ ଆଗତ ।

ନିଶବ୍ଦ ନିଶିରେ ସ୍ୱପ୍ନ ସବୁ ଉଡ଼େ
ଭସା ମେଘର  ଡେଣା ଦୁଇ ଗଢ଼ି
ଅଜସ୍ର ତାରକା ଇଙ୍ଗିତ କରନ୍ତି
ରାକାର ରଙ୍ଗ ଯିବ ତହିଁ ଚଢ଼ି ।

ପ୍ରେମର ଆକାଶେ ଚନ୍ଦ୍ର ଅଛି  ସାଜି
ପ୍ରକାଶନର ପୁଣି କେନ୍ଦ୍ର ବିନ୍ଦୁ
କଲମରୁ ପୁଣି ଝରିବ କବିତା
ଉଛୁଳି ଯିବ ଭାବନାର ସିନ୍ଧୁ  ।

∞∞∞

# ପ୍ରେମର ଆକାର ୨: ବୃତ୍ତ

Srujan ISSN 2976-9329

**ରଞ୍ଜିତ କୁମାର ସାହୁ**

ସୀମାଟିଏ ଥାଏ ପ୍ରତି ଚିନ୍ତନର
ହେଉନା କାହିଁକି ସେ  ଦିଗନ୍ତର
ଯନ୍ତ୍ରଣାର ବୃତ୍ତ  ଆଙ୍କି ଯାଏ ହୃଦ
ଜଳିଗଲେ  କେବେ ତା'ର  ଅନ୍ତର ।

ସେହି ବୃତ୍ତ ମଧ୍ୟେ ହୁଅଇ  ସୀମିତ
ପ୍ରେମ ପ୍ରୀତି ରାଗ ଓ ଅଭିମାନ
ମର୍ତ୍ତ୍ୟର ଶରୀର  ରହଇ ଜୀବିତ
ମନ ପହଞ୍ଚେ ନିତି ଶ୍ମଶାନ ।

ହୁଏ ବିଚଳିତ କେବେ ଅକସ୍ମାତ
ଝରିଗଲେ ବାରି କ୍ଳାନ୍ତ ଘନରୁ
ସଅଳ ବିଳମ୍ବ ପ୍ରଭେଦ କରେନି
ଅନୁରାଗ ଅନ୍ତେ ତା' ଜୀବନରୁ ।

ଘେରି ଅଛି ଯଦି ବୃତ୍ତ ବିରହର
ଅଦୃଶ୍ୟ ଲାଗୁ ଯେତେ ଲୋଚନକୁ
କେନ୍ଦ୍ରରେ ନିଶ୍ଚୟ ରହିଛି ପ୍ରତୀକ୍ଷା
କରି ଉତ୍ତୋଳନ ଭଗ୍ନ ସ୍ୱପ୍ନକୁ  ।

∞∞∞

# ପ୍ରେମର ଆକାର ୩: ତ୍ରିକୋଣ

SRUJAN
The Creativity Journal
Srujan ISSN 2976-9329

## ରଞ୍ଜିତ କୁମାର ସାହୁ

କିଏ କହିଗଲା ଧରାର ପୃଷ୍ଠରେ
ତ୍ରିକୋଣଟିଏ ଅଟେ ସଦା ସ୍ଥିର
ପ୍ରେମର ଜଗତେ ଅନେକ ଉଲ୍ଲେଖ
କରିଛି ଏହା ଜୀବନ ଅସ୍ଥିର ।

ପ୍ରେମର ପରୀକ୍ଷା ହୁଅଇ  କଠିଣ,
ପ୍ରେମର ପଥରେ ବନ୍ଧୁ ମିଳିଲେ
ହୁଏ ମୂଲ୍ୟହୀନ ରୂପ ରଙ୍ଗ ଗୁଣ
ହୃଦୟଟିଏ ଦୁଇ ହୃଦୟ ଜିଣିଲେ ।

କାହାକୁ ଛାଡ଼ିବ କାହାକୁ ରଖିବ
କରି ସାଥି ସେ ନିଜ ଜୀବନରେ
ଦ୍ୱନ୍ଦ୍ୱର ଜୁଆର କରେ ସ୍ନିଗ୍ଧ ତାକୁ
ସଦା ସର୍ବଦା ତାହାର ମନରେ  ।

କେବେ କେବେ ଥରେ ଅଝଟ ଅନଙ୍ଗ
ଏକ ତୀରେ କରେ ତିନିଟି ବଧ
ଦ୍ୱନ୍ଦ୍ୱ ପ୍ରତିଦ୍ୱନ୍ଦ୍ୱ ମଧ୍ୟେ ଶଢୁଥାନ୍ତି
ପ୍ରେମ ପ୍ରସଙ୍ଗରେ ତିନୋଟି ହୃଦ !

ဖဖဖ

**ରଞ୍ଜିତ କୁମାର ସାହୁ,** ଯୁକ୍ତରାଷ୍ଟ୍ର ଆମେରିକାର ଭିର୍ଜିନିଆ ବିଶ୍ୱବିଦ୍ୟାଳୟରେ ଜଣେ ଗବେଷକ ବୈଜ୍ଞାନିକ । କବି ଏବଂ କ୍ଷୁଦ୍ର ଗଳ୍ପ ଲେଖକ । ସିଏ ମୁଖ୍ୟତଃ ଓଡ଼ିଆ ଏବଂ ଇଂରାଜୀରେ ନିଜର ସାହିତ୍ୟ ସୃଜନା  କରନ୍ତି ।  ତାଙ୍କର କିଛି କବିତା ସଙ୍କଳନ ଓଡ଼ିଆ ଏବଂ ଇଂରାଜୀରେ ପ୍ରକାଶିତ ହୋଇଛି; ଜୀବନର ସୌରଭ, ପ୍ରେମର ପ୍ରତିଧ୍ୱନି,  कुछ लम्हे कुछ जज़्बात, 2005: a year of love, Drunk, Companion, ଏବଂ  The wonders of creation । ଓଡ଼ିଶାରେ, ଏବଂ ଭାରତ ବାହାରେ ମଧ୍ୟ ତାଙ୍କର ଲିଖନ ବିଶେଷ କରି କବିତା ପ୍ରକାଶିତ ହୋଇଛି । ପ୍ରକୃତି ସହିତ ନିଜକୁ ସବୁ ବେଳେ ଯୋଡୁଥିବାରୁ ତାଙ୍କର ଅଧିକାଂଶ କବିତାରେ ପ୍ରକୃତିର ବର୍ଣନା ଦେଖିବାକୁ ମିଳେ । ଏହା ବ୍ୟତୀତ ସିଏ ଶିଶୁ ସାହିତ୍ୟରେ ମଧ୍ୟ ରୁଚି ରଖନ୍ତି । ତାଙ୍କର କିଛି ଚିତ୍ରଶିଳ୍ପ  ମଧ୍ୟ ପ୍ରଦର୍ଶିତ ହୋଇଛି ।

# ପ୍ରଣୟର ନିଧୁବନ

Srujan ISSN 2976-9329

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ମୋ କବିତା ଯଦି ଛୁଇଁ ପାରିଲାନି
ପ୍ରଣୟର ନିଧୁବନ
ମୋ କବିତା ଯଦି ଛୁଇଁ ପାରିଲାନି
ବିରହୀ ହୃଦୟ ମନ
କବିତାରେ ମୋର ଉଚ୍ଛୁଳିଲା ନାହିଁ
ବେଦନା ବିଧୁର ଗୀତି
କବିତାରେ ମୋର କହି ହେଲାନାହିଁ
ପ୍ରଥମ ପ୍ରେମର ତାତି ।
ମୋ କବିତା ଯଦି ହୃଦୟ ବୀଣାକୁ
ଝଙ୍କୃତ କଲାନାହିଁ
ମୋ କବିତା ଯଦି ଓଁକାର ମନ୍ତ୍ରେ
ଆଲୋକିତ ହେଲା ନାହିଁ ।
କୁହ ତ କି କବି ମୁହିଁ !!!
ମୋ କବିତା ଯଦି ଗାଇଲାନି ଗୀତ
ନଗଡ଼ାର ଲୁଣ କଥା
ମୋ କବିତା ଯଦି ହରି ନେଲାନାହିଁ
ଦାନମାଝୀ ମନ ବ୍ୟଥା ।
କବିତା ମୋହର କହିଲାନି ନଗ୍ନ
ରମଣୀର ଅତ୍ୟାଚାର
କହି ପାରିଲାନି ରାଜନୀତି କାଳି
ସବୁଠୁ ବଡ଼ ଅନ୍ଧାର ।
ମୁଁଉ କି କବିରେ ଗଣା !!!
କବିତା କହେନି ମାଟିର ମଣିଷ
କୃଷକ ଭାଇର କଥା
କବିତା ଗାଏନି ଗରିବ ଝିଅର
ଯୌବନର ମନ ବ୍ୟଥା ।

କଣା ଚାଳ ଘରେ ବରଷାର ନୃତ୍ୟ
ମୁଢ଼ି ଓ ଚା'ର ମାନ
ସଂସ୍କାର ଆଉ ସଂସ୍କୃତି ହୀନ
ଜୀବନର ଉପାଦାନ ।
ମୁଉଁ କି କବିରେ ଗଣା !!!
ଲେଖିବି କି ଖାଲି ସ୍ୱାର୍ଥର କବିତା
କବି ତ ସ୍ୱାର୍ଥି ନୁହେଁ
କବିଟେ ଅଟଇ ଦ୍ୱିତୀୟ ଈଶ୍ୱର
ସଂସାରର କଥା କହେ ।
ଦେଖିପାରେ ସିଏ ଅୟୁତ ପ୍ରାଣର
ବ୍ୟଥା ବର୍ଣ୍ଣାଳୀ ଡେଇଁ
ଉଦିତ ସୂର୍ଯ୍ୟ ବିଞ୍ଚେ ମୁରୁଜ
ପ୍ରାଣରେ ପୁଲକ ଦେଇ ।
କୁହତ କି କବି ମୁହିଁ !!!
ହାଟରେ ବାଟରେ ଗଡ଼ି ପଡୁଅଛି
କନ୍ୟା ଭ୍ରୂଣର ଶବ
କନ୍ୟା ଅଭାବେ ଅଭିଆଡ଼ା ଏବେ
ଆମ ଯୁବାଙ୍କର ଭାବ ।
ବିବାହ ହେଲେବି ବଂଶ ବଢୁନି
ନାହିଁ ପିଲା ଛୁଆ କା'ର
ଜଞ୍ଜାଳ ଆଉ ସହିବେନି ପିଲେ
ଗଢ଼ିବେ ନାହିଁ ସଂସାର ।
କିବା ବୃଥା କବି ମୁହିଁ !!!
ଏତେ କଥା ଅଛି ଲେଖିବାକୁ ସତେ
କିଛି ତ ଲେଖିନି ମୁହିଁ !
ଐଐଐ

# ଏଇ ସେଇ ପ୍ରଥମ ବସନ୍ତ

Srujan ISSN 2976-9329

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ଏଇ ସେଇ ପ୍ରଥମ ବସନ୍ତ
ଏଇ ସେଇ ମହୁଲୀ ଫଗୁଣ
ପାଦ ଥାପି ଧୀରେ ଧୀରେ ଆସେ
ଅବଗୁଣ୍ଠନ ଉଠେଇଲାଣି ପ୍ରକୃତି
କୋଇଲି କଣ୍ଠ ଝାଡ଼ି ପ୍ରସ୍ତୁତ ହେଲାଣି
ପରଶିଯିବ ପଞ୍ଚମତାନରେ
ଛୁଇଁ ଯିବ ହୃଦୟର ମୁକୁଳା ଅଗଣା
ଜଳେଇଦେବ ନିଆଁ ସବୁରି ମନରେ
ଜୀବନର ମରୁଦ୍ୟାନ ଭରିଦେବ
ବୁନ୍ଦା ବୁନ୍ଦା ମଧୁ ସିଞ୍ଚି ସିଞ୍ଚି
ଉନ୍ମାଦନାରେ ଭରିଦେବ ମଧୁମଖା ରାତ୍ରି ।
ଖୋଲିଦିଅ ଦ୍ୱାର ସଖା
ଚାରିଆଡ଼େ ରଙ୍ଗ ଅବିରର
ବିଞ୍ଚି ହୋଇ ପଡ଼ିଲାଣି
ବାର୍ତ୍ତା ଆସେ ଚୂତ ବକୁଳର
କେଉଁଠି କେମିତି ଦେଖ ହସୁଛି ପଳାଶ
ନାମହୀନ ସୁରଭିରେ ପୂରିଛି ଆକାଶ ।
ଖୋଲ ସଖା ଖୋଲିଦିଅ ଦ୍ୱାର
ଆକୁଳ ଅନ୍ତର ତଳେ
ମୁକୁଳିତ ଅନେକ କାମନା
ବୟସୀ ଡେଣାରେ ମୋର
ସୁନା ରୁପା କେତେ ଆଳପଣା
କେତେ ଚିତ୍ର ପଟ୍ଟଚିତ୍ର
ଅବା ନିଶା କେତେ ଜୀବନର
ପୁରୁଣା ହୋଇବା ଆଗୁଁ
ଖୋଲ ସଖା ଖୋଲି ଦିଅ ଦ୍ୱାର
ସଜାଡ଼ି ସାଇତି ଦିଏ ଏ ସାରା ସଂସାର ।
ଦ୍ୱାର ଖୋଲ ! ଦ୍ୱାର ଖୋଲ ସଖା !
ଅନନ୍ତ ଯୌବନ ନୁହେଁ ମୋ ଭାଗ୍ୟରେ ଲେଖା
ମୁଁ ମାଟିରେ ବୀଜ ହୋଇ ସଞ୍ଚରିଛି
ଖାଲି ତୁମ ପାଇଁ
ମାନବ ଦେହ ଧରିଛି
କୋଟି କୋଟି ଯୋନି ପାରି ହୋଇ
କେବେବି ଫେରିବି ନାହିଁ ଏ ଦ୍ୱାର ପାଖରୁ
ବୋଲି ଦେଇ ସ୍ନିଗ୍ଧ ଅନୁରାଗ
ଖୋଲ ସଖା ! ଖୋଲିଦିଅ ସଯତନେ ଦ୍ୱାର
ଏଇ ଆଦ୍ୟ ଏଇ ଶେଷ ଥର
ଅନ୍ତ ହେଉ ଦୀର୍ଘ ପ୍ରତୀକ୍ଷାର ।
ଦଦଦ

# ପ୍ରିୟ କବି

SRUJAN
The Creativity Journal
Srujan ISSN 2976-9329

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପ୍ରିୟ କବି ! ତମେ ସେଇ ଶାବ୍ଦିକ ପୁରୁଷ
ଯାହାଙ୍କୁ ମୁଁ ଦେଇପାରେ ଅର୍ଦ୍ଧେକ ଆୟୁଷ
ପ୍ରତିଟି ମୁହୂର୍ତ୍ତ ମୋର ଶ୍ରାବଣର ବର୍ଷାଧାରା ପରି
ତିନ୍ତାଇ ଦେଇଛ ପ୍ରିୟ ସିଞ୍ଚି ତୁମ ଅବିଶ୍ରାନ୍ତ ବାରି ।
ପ୍ରିୟ କବି ! ପ୍ରତିଟି ଶବଦ ଖୋଜେ ତୁମ ପାଇଁ
ଖାଲି ତୁମ ପାଇଁ, ନିସ୍ତବ୍ଧ ହୋଇଲେ ରାତି
ସ୍ୱପ୍ନଭୁକ୍ ମନ ତଟେ ଲହରି ଉଠଇ
ଆଶ୍ଳେଷରେ ଆବେଗରେ ତୁମକୁ ଖୋଜଇ ।
ପ୍ରିୟ କବି ! ଜୀବନର ଅସୁମାରୀ ସ୍ୱପ୍ନ ମୋର
ତୁମ ପାଦେ ସମର୍ପି ଦେଇଛି , ନିଅ ବା ନ ନିଅ
ତୁମ ପୌରୁଷର ସ୍ନିଗ୍ଧ ଆଲିଙ୍ଗନେ ହଜିଯିବି
ଅବା ତୁମ ଠାରେ ଦିନେ ନିଶ୍ଚିହ୍ନ ହୋଇବି ।
ପ୍ରିୟ କବି ! ଭୁକ୍ତି ଦିଅ, ମୁକ୍ତି ଦିଅ, ମନର ଅଙ୍ଗନେ,
ବିଞ୍ଚିଦିଅ ରେଣୁ ରେଣୁ ତୁମ ପ୍ରେମବାରି
ଏ ଜୀବନ ତୁମ ବିନା ଦୁର୍ବିସହ ପ୍ରିୟତମ
ମନ ହୁଏ ଧାଇଁଯିବି ସବୁସୀମା କରି ଅତିକ୍ରମ ।
୦୦୦

**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**, ଲେଖିକା  କୋଡ଼ିଏରୁ ଆଧିକ ପୁସ୍ତକ ପ୍ରକାଶିତ । ପ୍ରବନ୍ଧ, କବିତା, ଅନୁବାଦ (ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ଗୁଜୁରାଟୀରୁ), ଜୀବନୀ, ସଂକଳନ ଓ ଶିଶୁ କବିତା ପୁସ୍ତକ ଇତ୍ୟାଦି । ୟୁ- ଟିଉବରେ ଓଡିଶା ମା'ର କଥା ନାମରେ ତାଙ୍କର ଶତାଧିକ ଭିଡିଓ: ଜଗନ୍ନାଥଙ୍କ ଦଶ ଅବତାର, ଲୀଳା, ଓଡିଶାର ସାଧୁସନ୍ଥ, ପର୍ବପର୍ବାଣି, ଶ୍ରୀମଦ୍ ଭାଗବତ ମହାପୁରାଣ ରହିଛି । ଭୁବନେଶ୍ୱରରେ ରହନ୍ତି  ।

# ଆମ ଭାଷା ଆମ ବୈଚିତ୍ର୍ୟ

Srujan ISSN 2976-9329

## ମିନାକ୍ଷୀ ଦ୍ୱିବେଦୀ

ଶବ୍ଦର ଭାବ ବନ୍ଧନରେ
ମାଟି ପାଣି ପବନରେ
ଛୁଇଁ ଯାଏ ଆମ ମାତୃଭାଷା
ଅସଂଖ୍ୟ ଉତ୍ତାପରେ ବି
ରକ୍ତ ଶୀତଳ ହୋଇଯାଏ
ଶାବ୍ଦିକ ଜୀବନଚର୍ଯ୍ୟାରେ
ପ୍ରସ୍ଫୁଟିତ ହୁଅନ୍ତି
କେତେ କେତେ କବିବର, ଲେଖକ ପ୍ରବର,
ଗାଳ୍ପିକ ଏମିତି ଅନେକ
ଶବ୍ଦର ବର୍ଣ୍ଣବୋଧରେ ସୁଦୃଢ଼ ହୁଏ ଶୈଶବ୍ୟ
ଭାଷାର ପ୍ରତିଟି ଶବ୍ଦ ରେ
ଅନ୍ୟମନସ୍କ ହୋଇ ଉଠନ୍ତି ସ୍ରଷ୍ଟା
ଭାଷା ହିଁ ଈଶ୍ୱର
ଭାଷା ହିଁ ଶାଶ୍ୱତ
ଭାଷା ହିଁ ଦରଦୀ ମନର
ରୂପାନ୍ତରିତ ପ୍ରତିଛବି,
କଳ୍ପନାର ତରଙ୍ଗରେ
ସୁନ୍ଦର ସୃଷ୍ଟିର ହୁଏ ସର୍ଜନା
ହଜାର ହଜାର ବର୍ଷର ମୂକସାକ୍ଷୀ
ଆମ ଭାଷାର ବୈଚିତ୍ର୍ୟ
ସ୍ମୃତି, ସ୍ୱପ୍ନ, ଭାବନାର
ମାୟା ଜାଲରେ ଛନ୍ଦି ଯାଏ କବିର କଳ୍ପନା,
ଉତ୍ପତ୍ତି ହୁଏ ଲୋକଗୀତି, ଢଗଢମାଳି, ଲୋକ କଥା
ଛନ୍ଦ, ଚମ୍ପୂ, ଭଜନ, ଜଣାଣ,
ଗୀତା, ଭାଗବତ, ପୋଥି, ପୁରାଣ,
ଉପନିଷଦ
ରହିଯାଏ କଳିଙ୍ଗର ଆତ୍ମାରେ,
ଘର କରି ଯାଏ କଳିଙ୍ଗ ରକ୍ତରେ
ମନୁଷ୍ୟର ଭାବ ବିନିମୟ ରୂପାନ୍ତର
ହୁଏ ଭାଷାର ଧ୍ୱନିରେ
ଅତିକ୍ରାନ୍ତ ସମୟରେ
ମନ ଉଲ୍ଲାସରେ ବହିଯାଏ
ଶବ୍ଦର ଛାଉଣୀ କରି
ଆମେ କଳିଙ୍ଗ
ବଦଳେଇ ଦେବୁ ଦେଶର ଢଙ୍ଗ
ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ
ତାର ସୁର, ତାଳ, ଛନ୍ଦ, ଧ୍ୱନି
ଦିବ୍ୟ ଚେତନାରେ
ନବ ଉନ୍ମାଦନା ଭରେ
ଆମର ଗୌରବ ଆମ ମାତୃଭାଷା
ନିର୍ଜୀବ ରେ ଭରେ ସଂଜୀବନୀ
ଆମ ଶିଳାଲିପି,ଆମ ତାଳପତ୍ର ପୋଥି
ବୈଦିକ, ଭୌତିକ,ମୌଳିକ
ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ
ପୂର୍ବ ମାଗଧୀର ନୂତନ ସଂସ୍କରଣ
ଆମ ଭାଷା ଆମ ଲିପି ।
ମୂର୍ତ୍ତ, ଅମୂର୍ତ୍ତର ରୂପାୟନ
ଏକ ଅର୍ଥପୂର୍ଣ୍ଣ ବ୍ୟକ୍ତ ବାଣୀ ଆମ ଭାଷା
ପରମ୍ପରା, ସଂସ୍କୃତିର ବାର୍ତ୍ତାବହ ଏହି ଭାଷା
ସପ୍ତମ ତାଳରେ, ସପ୍ତମ ସୁରରେ ସପ୍ତମ ରଙ୍ଗରେ
ମନର ଆବେଗ, ଉଚ୍ଛ୍ୱାସ
ସନ୍ତର୍ପଣରେ ଆଲିଙ୍ଗନ କରେ ଆମ ଭାଷା ।।
ଓଓଓ

# ସବୁଜ ବଳୟ ହଟାଏ ପ୍ରଳୟ

Srujan ISSN 2976-9329

## ମିନାକ୍ଷୀ ଦ୍ୱିବେଦୀ

ବନ ଉପବନ ଶ୍ୟାମ ଶସ୍ୟ କ୍ଷେତ୍ର
ଶ୍ୟାମଳୀ ସୁନ୍ଦରୀ ଧରା,
ନଦୀ ନିର୍ଝରିଣୀ ସାଗର ତଟିନୀ
ପୂର୍ଣ୍ଣଗର୍ଭା ବସୁନ୍ଧରା ।

ଜଡ଼ରୁ ଜୀବନ ଜଗତ ନିର୍ମାଣ (ଭିଆଣ)
ସାଜିଛି ଆମର ସାହା,
ଶୁଦ୍ଧ ଜଳବାୟୁ ଫୁଲ ଫଳ ଭରା
ଦେଖାଏ ନିର୍ମଳ ରାହା ।

ଉନ୍ମୁକ୍ତ ବସନ୍ତ ମୁଗ୍ଧ ମୂର୍ଚ୍ଛନାରେ
ଆଚ୍ଛାଦିତ ସ୍ୱର୍ଣ୍ଣ ସକାଳ,
ଜୀବନ୍ୟାସ ପାଏ ଶ୍ରାବଣୀ ଧାରାରେ
ରୁକ୍ଷ ଶୁଷ୍କ ମହୀ କୋଳ ।

ପରିବେଶ ଆଜି ହୁଏ ପ୍ରକୃତିସ୍ଥ
ଦେଖି ମାନବର ଭ୍ରାନ୍ତି ,
ମୃଗଜାଲେ ପଡ଼ି ବିକୃତ ବିଜ୍ଞାନେ
ବଦଳି ଯାଇଛି ମତି ।

କାରଖାନା ଯାନବାହାନ ପ୍ରଭାବେ
ବିଷଗ୍ରସ୍ତ ଜଳବାୟୁ,
କଙ୍କାଳସାର ସେ ବୃକ୍ଷ ଅବସନ୍ନ
କମି କମି ଆସେ ଆୟୁ ।

ପ୍ରକୃତି କାନ୍ଦୁଛି ଗୁମୁରି ଗୁମୁରି
ସବୁଜିମା ଯାଏ ହଜି,
ସୋରିଷ ଫୁଲର ମିଠା ମିଠା ହସ
ଲିଭି ତ ଯାଇଛି ଆଜି ।

ମହଣ ବିଶ୍ୱାସ ଖସି ପଡୁଥିଲା
ମଣିଷର ମାୟା ଜାଲେ,
ବିଜ୍ଞାନ ସାଗରେ ଉବୁଟୁବୁ ହୁଏ
ଜ୍ଞାନୀର ମୁଖୋଟା ତଳେ ।

ପଞ୍ଚଭୂତେ ଗଢ଼ା ପରିବେଶ ଆମ
ଯାଉଛି ବିଷାକ୍ତ ହୋଇ,
ସବୁଜ ପାଦପ ହେଉଅଛି ଲୋପ
ଉନ୍ନତିର ଦ୍ୱାହି ଦେଇ ।

ଋତୁଚକ୍ର ପରିବର୍ତ୍ତନ ହେଲାଣି
ନାହିଁ ଶୀତ,ବର୍ଷା,ବସନ୍ତ,
ପ୍ରବଳ ଉଷ୍ମତ ଉତ୍ତପ୍ତ ବେଳାରେ
କାନ୍ଦୁଅଛି ବିଶ୍ୱ ଜଗତ ।

ସୃଷ୍ଟି କରିବା ସବୁଜ ବଳୟ
ସ୍ୱଚ୍ଛ ହେବ ପରିବେଶ,
ପ୍ରଳୟ, ବିଧ୍ୱଂସ ଆପେ ହଟିଯିବ
ରହିବନି ମନେ କ୍ଲେଶ ।
ଓଓଓ

# ଚୁକ୍ତି

Srujan ISSN 2976-9329

ମିନାକ୍ଷୀ ଦ୍ୱିବେଦୀ

ଚାଲନା..ମୁଁ... ତୁ... ଅହଂ
ସମାଧିରେ ଶାନ୍ତି ର
ଚୁକ୍ତି ସ୍ୱାକ୍ଷର କରିବା,
ବେପରୁଆ ଢଙ୍ଗରେ ହଉ ପଛେ
ନିଶ୍ଚିନ୍ତରେ ଟିକେ ଶୋଇବା,
ଏ ବିକ୍ଷିପ୍ତ ଜୀବନରେ
ବରଗଛର ଓହଳକୁ ଆଉ ଟିକେ ମଜବୁତ କରିବା
ସାଧନାର ଅନ୍ତ ନାହିଁ
କି ଜ୍ୱଳନ, ବିକ୍ଷୋଭର ଅନ୍ତ ନାହିଁ
ନିରବତାର ଅନ୍ଧ ଡାଇରୀରେ
ସଞ୍ଚଟିଏ ହୋଇ ବତିଘର ହବା..
କ୍ରାନ୍ତିକାରୀ ବିପ୍ଳବ ବହ୍ନିରେ
ଶୀତଳ ପ୍ରଲେପ ଲେପିବା
ଆଲୋକର ମଙ୍ଗ ଧରି
ଏକକୋଷ ବୀଜ ହୋଇ
ଶତ ସୂର୍ଯ୍ୟର ଶୌର୍ଯ୍ୟ ନେଇ
ଶାନ୍ତିର ବାର୍ତ୍ତା ଭରିଦେବା
ମେରୁ, ମରୁ, ନଭ, ଗିରି, କାନନ

ଚାଖଣ୍ଡେ ମଣିଷ,
ଚାଖଣ୍ଡେ ଭୂଇଁ,
ଚାଖଣ୍ଡେ ପେଟ
ଢୋକେ ଢୋକେ ପାଣି ପିଇ ସାରା ଆକାଶକୁ
ପିନ୍ଧେଇବା ବିଶ୍ୱାସର ବସ୍ତ୍ର
ଦେଖିବ ଖୁସି ସବୁ ଡେଣା ମେଲି
ଉଡ଼ି ଆସିବେ ହୃଦୟର କନ୍ଦି, ବିକନ୍ଦିରୁ
ବଉଦ ପଛରେ ଦେବତାମାନେ ମୁହଁ ଟୁଙ୍ଗାରି

ଶାନ୍ତିର ନିଃଶ୍ୱାସ ନଉଥିବେ,
ଆବେଗ ଅତି ଶଯ୍ୟାରେ
ଚାରି କେ ଚାରି ହୋଇ
ସୃଷ୍ଟି ହବ ନୂଆ ଏକ ସାମ୍ରାଜ୍ୟ
ପୂର୍ଣ୍ଣଚନ୍ଦ୍ରର ପୂର୍ଣ୍ଣ ଅବୟବରେ
ପ୍ରଷ୍ଫ ପ୍ରଷ୍ଫ ହୋଇ ଖୋଲିଯିବ
ମାଟି, ଆକାଶ, ଅନ୍ତରୀକ୍ଷ
ଆପଣାର ଆଲୁଅରେ
ନ ଥିବ ଅଭିଶପ୍ତା ଜୀବନ

ଚାଲନା.. ଏଇ ନୂଆବର୍ଷରେ
ସଂଜୀବନୀର ଅମୃତ ଝରାଇ
ମାଟିର ଦୈବୀଶକ୍ତିରେ
ଭରିଦେବା ଖୁବ ସମ୍ଭ୍ରାନ୍ତ ସବୁଜିମା
ମୋ ରକ୍ତ ତୋ' ରକ୍ତର ଆଲିଙ୍ଗନରେ
ରଚିବା ସୁନ୍ଦର ଇତିହାସ
ବାସ୍  ତୋ'ର ହଁ ର ଦାକ୍ଷୀର୍ଯ୍ୟରେ
ଅସ୍ତିତ୍ୱକୁ ସ୍ୱୀକାର କରି
ଭୁଲିଯିବା ଭୋକ ଓ ଅନ୍ଧତ୍ୱ ଚିରକାଳ ।
ꝏꝏꝏ

**ମିନାକ୍ଷୀ ଦ୍ୱିବେଦୀ**, ଏମ୍.ଏସସି, ଗୃହିଣୀ, ପ୍ରତିଷ୍ଠିତ ପତ୍ରିକା ପ୍ରତିଶ୍ରୁତି (ନୂଆ ସକାଳର ସଂକଳ୍ପ)ର ସଭାପତି, ଘର କଟକ, ନିଉ-ଦିଲ୍ଲୀରେ ରହନ୍ତି । ତାଙ୍କର ବିଭିନ୍ନ କବିତା, ଗଳ୍ପ, ପ୍ରବନ୍ଧ , ଶିଶୁ କବିତା , ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଅନେକ ପ୍ରତିଷ୍ଠିତ ଓଡ଼ିଆ ଖବର କାଗଜର ସାହିତ୍ୟ ପୃଷ୍ଠାମାନଙ୍କରେ ଏବଂ ଓଡ଼ିଶା ବାହାରେ ବିଭିନ୍ନ ସାହିତ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ତାଙ୍କର ନିକଟରେ ଏକ କବିତା ସଙ୍କଳନ ପ୍ରକାଶ ପାଇବାକୁ ଯାଉଛି ।

# ପାଣିରେ ପାଣି

Srujan ISSN 2976-9329

## ରମେଶ ଚନ୍ଦ୍ର ନାୟକ

ପାଣିରେ ପାଣି   ଦେଖାଉ ଠାଣି
ସହି ହେଉନି   ତୋର ଫୁଟାଣି ।
ରଙ୍ଗ ନାହିଁକି   ଆକାର ନାହିଁ
ବିଶୁଦ୍ଧ ଜଳେ   ସୁଆଦ କାହିଁ ।
ମେଘ ରୂପରେ   ଥାଉ ଉପରେ
ଚନ୍ଦ୍ରମା ସାଥେ   ଖେଳୁ ଖୁସିରେ।
ଖାଇଲେ ମାଡ଼   ତୁ ଦେଉ ରଡ଼
ତୋହରି ପାଇଁ   ବରଷା ଝଡ଼ ।
ତଳକୁ ଖସି   ଯାଉ ବରଷି ।
ଓଦା ହୁଅଇ   ଶୁଖିଲା ମାଟି
ଗଛ ପତର   ହସି ଉଠେ ଟି ।
ଫୁଲ ଫଳରେ   ବଗିଚା ହସେ
ପ୍ରକୃତି ରାଣୀ   ସୁନ୍ଦର ଦିଶେ ।
ଅଳିଆ ଯେତେ ତୁ ଧୋଇ ଥାଉ
ଗଙ୍ଗାରେ ମିଶି   ପବିତ୍ର ହେଉ ।
ନଈ ଗଡ଼ିଆ   ରୂପ ବଢ଼ିଆ
ସାଗରେ ତୁହି   ଭାରି ଲୁଣିଆ ।
ଘର ବାହାର   ସ୍ୱଚ୍ଛତା କାମ
ତୋ'ପାଇଁ ବଞ୍ଚେ   ଜୀବନ ଆମ ।
ଖାଇବା ଚିଜ   ହଜମ କରୁ
ରୋଗ ବାଧିକା   ହଟାଉ ଦୂରୁ ।
ଚନ୍ଦନେ ମିଶି   ଫୁଟାଉ ବାସ
ଲିଭାଇ ଥାଉ   ନିଆଁର ରୋଷ ।
ତୋହରି ବିନା   ପଶୁ ମଣିଷ
ଜଳଜୀବଙ୍କ   ହୁଅଇ ନାଶ ।
ఐఐఐ

# ଛୋଟ ଛୁଆ

SRUJAN
The Creativity Journal
Srujan ISSN 2976-9329

## ରମେଶ ଚନ୍ଦ୍ର ନାୟକ

ଛୋଟ ଛୁଆ ବୋଲି ମାଆ
ଗେହ୍ଲା କରେ କେତେ
କୋଳେ ଧରି ପେଟ ଭରି
ଖୋଇ ଦିଏ ହାତେ ।

ଖାଇବାକୁ କଲେ ଥୁକୁ
ଡାକେ ବାୟା ଭୂତ
ଭୟ କରି କାନି ଧରି
ଖାଇ ଦିଏ ଭାତ ।

ଯେବେ କାନ୍ଦେ ବାପା କାନ୍ଧେ
ବସେ ଚୁଟି ଧରି
ଲାଗେ ମୋତେ ଆକାଶରେ
ଉଡ଼େ ପକ୍ଷୀ ପରି ।

ଯେବେ ଯିଏ ବୁଲି ଯାଏ
ତା'ର ସାଥେ ଯାଏ
ଘରେ ଯଦି ନଛାଡ଼ନ୍ତି
ଲୁଚିକରି ଧାଏଁ ।

ବାପା ଗାଳି ମାଆ ଧୂଳି
ଭଲ ଲାଗେ ମୋତେ
ମୁହେଁ ହସ ଉଠୁ ବସ
ହୋଇଥାଏ କେତେ ।

ଛବି ବହି  ଚିତ୍ର ଚାହିଁ
ସିଲଟରେ ଶୂନ
ଚାଟଶାଳୀ ଯିବି ବୋଲି
ମନ ଛନ ଛନ ।

ଛୋଟ ଛୁଆ ନାହିଁ ମାୟା
ସଭି ସାଥେ ମିଶେ
ପଢ଼ା ବେଳେ ଖେଳ ଖେଳେ
ମନା କଲେ ରୁଷେ ।

ଛୋଟ ପିଲା  ଦଣ୍ଡ ଢିଲା
କଷ୍ଟ ହେଲେ କାନ୍ଦେ
ମନ ବୁଝି ସାଥୀ ସାଜି
କଥା ହୁଅ ପଦେ ।

ooo

# ଆସ ସାଥୀ

Srujan ISSN 2976-9329

## ରମେଶ ଚନ୍ଦ୍ର ନାୟକ

ଆସ ସାଥୀ ଦେଇ ମତି
ପାଠ ପଢ଼ିବା
ପାଠ ପରେ ପଡ଼ିଆରେ
ଖେଳ ଖେଳିବା ।

ଗୁରୁ ଦିଆ ପାଠ ସବୁ
ଆଗେ ସାରିବା
ଜେଜେ ମାଆ ପାଖେ ବସି
ଗପ ଶୁଣିବା ।

ହସ ହସି ମନ ତୋଷି
କଥା ହୋଇବା
କେବେ ହେଲେ କାହା ମନେ
ଦୁଃଖ ନଦେବା ।

ବାପା ମାଆ ଗୁରୁ ଜନ
ଆଜ୍ଞା ପାଳିବା
ଦୀନ ଦୁଃଖି ଦୁସ୍ଥ ରୋଗୀ
ସେବା କରିବା ।

ଲୋଡ଼ା ଯାହା ଦେବେ ମାଆ
ସତ କହିବା
ଯଦି ଯିଏ ମିଛ କହେ
ପାପ ଭାବିବା ।

ଛୁଟି ଦିନ ଗୀତ ଗାନ
ଟିଭି ଦେଖିବା
ରାସ୍ତା କଡ଼େ ବଗିଚାରେ
ଗଛ ରୋପିବା ।

ପରିବାର ସ୍ୱର୍ଗ ପୁର
ମନେ ଭାବିବା
କରି କର୍ମ ଦେଶ ଋଣ
ଆମେ ଶୁଝିବା ।

ଓଓଓ

**ରମେଶ ଚନ୍ଦ୍ର ନାୟକ** କଟକରେ ରହନ୍ତି, ପ୍ରଶାସନିକ ଅଧିକାରୀ, ଓଡିଶା ସରକାରୀ ଛାପାଖାନା ନିର୍ଦ୍ଦେଶାଳୟ । ଏପର୍ଯ୍ୟନ୍ତ ପ୍ରାୟ ଦୁଇ ହଜାରରୁ ଅଧିକ ଗୀତି କବିତା, ଶିଶୁ କବିତା ଓ ବ୍ୟଙ୍ଗ କବିତା ଲେଖିଛନ୍ତି । ପ୍ରକାଶିତ ଶିଶୁ କବିତା ସଙ୍କଳନ: ସୂର୍ଯ୍ୟାଲୋକ, ବାଲ୍ୟ ଦର୍ପଣ, ଓ ପିଲାଙ୍କ ଦୁନିଆ । ନିକଟରେ ଆଉ ଦୁଇଟି କବିତା ପୁସ୍ତକ ଉନ୍ମୋଚନ ଅପେକ୍ଷାରେ । କବିତା ଓ ଆଲେଖ୍ୟ ଓଡ଼ିଶାର ବିଭିନ୍ନ ଖବରକାଗଜ ଏବଂ ସାହିତ୍ୟ ପତ୍ରିକାରେ ପ୍ରକାଶିତ । ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ । "ଆମ ଅଗଣାରେ ସଜଫୁଲ ପରିବାର" "କାବ୍ୟ କଳ୍ପ" ସମ୍ମାନ ।

# ଜୀବନ ତ ନଈଟିଏ

SRUJAN
The Creativity Journal
Srujan ISSN 2976-9329

## ବିଶ୍ୱନାଥ କର

ଜୀବନ ତ ନଈଟିଏ
ଅବୁଝା ଚପଳା
କଳକଳ ଛଳଛଳ ଅଝଟ ଚଞ୍ଚଳା
ଜୀବନ ତ ନଈଟିଏ
ସ୍ୱପ୍ନ ଅସ୍ୱପ୍ନର ଊର୍ମିମାଳା ।

କେବେ ମରୁଭୂମିର ରୋମାଞ୍ଚିତ ଏକକ ବାହିନୀ
କେବେ ରୋମାଞ୍ଚହୀନ ଆଖିରେ ଶୂନ୍ୟ ଚାହାଁଣି
ଅଭିମାନେ କେବେ ଚାଲୁଥାଏ
ଅପେକ୍ଷା ନକରି ଆଶାର ଶ୍ରାବଣୀ ।
ଧାଉଁଥାଏ ଧାଉଁଥାଏ ଖାଲ ଢିପ ନମାନି
ମନରେ ଜହ୍ନର ତାତି ନେଇ
ମନରେ ସାରା ଆକାଶର ଆଲୁଅ ନେଇ ।

ଶେଷରେ ତ ମିଶିବାକୁ ପଡିବ
ଅନନ୍ତ ସାଗରର ପ୍ରଶାନ୍ତ କୋଳରେ
ହଜେଇ ଦେବାକୁ ହେବ ସବୁ ଆଶା ଓ ଆକାଙ୍କ୍ଷା
ଶେଷ ସୂର୍ଯ୍ୟାସ୍ତର ବାସ୍ତବ ଠିକଣାରେ ।

ଜୀବନ ତ ନଈଟିଏ
ବୁଝି ବି ଅବୁଝା ରାସ୍ତା ଧାରେ କେତେ କଣ୍ଟା
କେତେ ଝଡ଼ କେତେ ଝଞ୍ଜା ଜୁଇର ଲେଲିହାନ ଶିଖା
ରକ୍ତାକ୍ତ ସମୟର ହସ୍ତ ଲେଖା
ନିୟତିର ପ୍ରାପ୍ତି ଅପ୍ରାପ୍ତିର ଖେଳ ।

ଜୀବନ ତ ନଈ ଭଳି ଗତିଶୀଳ
ଖୋଜି ଖୋଜି ବେଳାଭୂମି

ଖୋଜି ଖୋଜି ଜୀବନକୁ ଘଟଣାରେ ଲୀନ
ସବୁ ମାୟା ବନ୍ଧନର ଶେଷ ସତ୍ୟ
ଅଥଳ ସାଗରେ ହଜିଯିବ ଦୁର୍ମୂଲ୍ୟ ଜୀବନ
ଛାଡ଼ି କିଛି ଆଲୁଅ ଅନ୍ଧାରର ପଦଚିହ୍ନ ।
ଊଊଊ

# ବାଟ କ'ଣ କେବେ ସରେ

Srujan ISSN 2976-9329

**ବିଶ୍ୱନାଥ କର**

ବାଟ କ'ଣ କେବେ ସରେ
ଲିଭି ଲିଭି ଯାଏ ସକାଳ କିରଣ ସରିସରି ଯାଏ ରାତି
ସ୍ୱପ୍ନ ର ମୃତ୍ୟୁ ହୁଏ ପୁଣି ଜୀବନ୍ୟାସ ପାଏ ନିତି
ତଥାପି ସରେନି ବାଟ
ଗଡୁଥାଏ ଅବିରତ ସମୟର ଚକ ।

ବାଟ କ'ଣ କେବେ ସରେ
ଯାଯାବରର କ୍ଲାନ୍ତ ପାଦରୁ ଆହୁରି କ୍ଲାନ୍ତ ଦିଶୁଥିବା ଦିଗନ୍ତ ସେପାରେ
ସମୟ ଚାଲିଛି ଯେ ଚାଲିଛି ବାଟ ସରୁନାହିଁ
ସ୍ୱପ୍ନ ସରିଗଲେ ଆଶା ମରିଗଲେ ବିଶ୍ୱାସ ବି ତୁଟିଗଲେ
କାହାଣୀ ସବୁ ସରିଗଲେ ବାଟ କ'ଣ କେବେ ସରେ ।

ବର୍ଷାରେ ଭିଜି ଚିରିଯାଏ ସିନା ପ୍ରେମର ସବୁ ଦସ୍ତାବିଜ
ପତନ ଘଟେ ସଭ୍ୟତା ପରେ ସଭ୍ୟତା
ଆୟୁଷ ସରେନା ଧାଁ ଦୌଡ ଜୀବନର
ବନବାସରୁ ବାହୁଡେ ଭଗ୍ନ ସଭ୍ୟତାର ମାନଚିତ୍ର ନୂତନ ରୂପରେ
ଘଟଣା ବିହୀନ ଜୀବନ ଘଟଣାମୟ ହୁଏ
ନୂଆ ରାସ୍ତାଟିଏ ପୁରୁଣା ରାସ୍ତାରୁ ଗଜୁରେ ।

ଭିତରେ ଭିତରେ ହଜେନି କେବେ ବାଟ
ସରେନି ସୀମାହୀନ ଦିଗନ୍ତ
ନିଜ ଛାଇ ପଛେ ଚାଲୁ ଚାଲୁ କେବେ କିଏ ଝୁଣ୍ଟେ

କେବେ କିଏ ଠିକେ
କଳା ମଚମଚ ଅନ୍ଧାରରେ
କେବେ କିଏ ସ୍ୱପ୍ନାତୁର ହୁଏ ବିଜୁଳି ଝଲକରେ ।

ବାଟ ସବୁ ବଞ୍ଚେଇ ରଖେ
ସବୁ ମଣିଷଙ୍କ ମନ ମାନସାଙ୍କ
ଆତତାୟୀ ଫଗୁଣର ଧନୁର୍ବାଣ ତୂଣୀର
ଦୁଃଖର ଗଜଲ
ବାଟ ସବୁ ବଞ୍ଚେଇ ରଖେ
ଆକାଶର ରଙ୍ଗ ସ୍ୱପ୍ନର ମହଲ ।

ପକ୍ଷୀ ଉଡ଼େ ଡେଣା ଝାଡ଼େ
ଉତ୍ତପ୍ତ ମରୁରେ ତ ସ୍ନିଗ୍ଧ ଶୀତଳ ଜୋଛନା ଢେଉରେ
ନେପଥ୍ୟରେ କାହାର ଇଙ୍ଗିତେ ବାଟ ଲମ୍ବେ
ଅସରନ୍ତି ଠିକଣାରେ
ବାଟ କ'ଣ  କେବେ ସରେ  ।
ଓଓଓ

# ରେ ପଥିକ ଅଟକି ଯାଅନି

Srujan ISSN 2976-9329

## ବିଶ୍ୱନାଥ କର

ରେ ପଥିକ ଅଟକି ଯାଅନି ହାରିବା ଗ୍ଲାନିରେ
ହାରିବା ଚେଷ୍ଟାରେ ମୁଁ ତ ପ୍ରତିକ୍ଷଣ
ହାରିବାରେ ଖୋଜି ଜିତିବାର ଜୀବନ
ହାରିବାରେ ଖୋଜି ଜିତିବାର ମାର୍ଗର ଚୟନ ।

ହାରୁଛି ହାରୁଛି ବୋଲି ଶିଖିଛି ମୁଁ ଜିତିବାର କଳା
ହାରୁଛି ହାରୁଛି ବୋଲି ପୂର୍ଣ୍ଣିମାର ଚାନ୍ଦ
କେତେ ଯେ ମୁଖରା
ହାରିବା ଶିଖେଇ ଦିଏ ପହଁରିବା ଜୀବନର ନଈ
ଜିଇଁବାର ଫର୍ଦ୍ଦ ଫର୍ଦ୍ଦ କାଗଜରେ ଲେଖିଦିଏ ଜୀବନର ମାନେ

ଜୋଛନାର ସ୍ୟାହି ।
ମୋ ଆଗରେ ମାଇଲ୍ ମାଇଲ୍ ପଥ
ଧାଡ଼ି ଧାଡ଼ି ଥୁଣ୍ଟା ବରଗଛ
ବାହାରେ ପ୍ରବଳ ଖରା ମୋ' ର ଉତ୍ତପ୍ତ ଝାଞ୍ଜି
ଚାଲିବାର ଅଛି ଅସରନ୍ତି ବାଟ
ପାଦ ପାଦୁକା ବିହୀନ ମୁଣ୍ଡେ ନାହିଁ ଛତ୍ର
ଖେଳିବାକୁ ହେବ ଖେଳ ଶେଷ ବଲ୍ ପର୍ଯ୍ୟନ୍ତ ।

ପାଦ ତଳେ ଫୁଟନ୍ତା ବସୁଧା
ମଧ୍ୟାହ୍ନର ସୂର୍ଯ୍ୟ ମ୍ଳାନ ଉଦାସୀନ ବନ
ଜ୍ୱାଳାର ଜ୍ୱଳନ୍ତ ଚିହ୍ନ
ଅଟକେଇ ପାରୁନି ମୋତେ
ଲିଭେଇ ପାରୁନି ମୋ ଦମ୍ଭ ପାରୁନି ନିଷ୍ପ୍ରଭ କରି
ଜାଣେ ମୁଁ ନିଶ୍ଚୟ କେବେ ସଦୟ ଆଷାଢ଼ ବରଷିବ ବାରି
ମୋ ଯାତ୍ରାକୁ ସୁଗମ କରି ।

ରେ ପଥିକ ଅଟକି ଯାଅନି
ମୋ ପୁରୁଣା ଆଲବମ୍ ଖେଳେଇ ଦେଖ
କେତେ ହାରିବାର ଫଟୋ ଚିତ୍ର
ସବୁ ମୋର ଜିତିବାର ଆଶାବାଡ଼ି
ଜିଇଁବାର ସ୍ୱଚ୍ଛ ମାନଚିତ୍ର
ଜିତିବାର ନୂଆ ସୂକ୍ଷ୍ମ ତତ୍ତ୍ୱ ।
ଓଓଓ

**ବିଶ୍ୱନାଥ କର**, କଟକ. ଏ ଯାବତ ୯ଟି କବିତା ସଙ୍କଳନ ପ୍ରକାଶିତ । ସୃଜନ, ସତ୍ୟବାଦୀ, ଝଙ୍କାର, ଇରା, ବେଦାନ୍ତୀ, ସମାଜ, ପ୍ରଜାତନ୍ତ୍ର, ଆମ କବିତା, ଧ୍ୱନି ପ୍ରତିଧ୍ୱନି, ଅପରାହ୍ନ ଆଦି ଅନେକ ଆଗଧାଡ଼ିର ଓଡ଼ିଆ ପତ୍ରପତ୍ରିକାରେ ଅନେକ ଲେଖା ପ୍ରକାଶିତ । ଓଡ଼ିଶାର ୧୨ଟି ଅନୁଷ୍ଠାନରୁ କବିରତ୍ନ, କବିପ୍ରାଣ, ଆଦି ସମ୍ମାନ ପ୍ରାପ୍ତ ଓ ସମ୍ବର୍ଦ୍ଧିତ । ପଞ୍ଜାବ ନେସନାଲ ବ୍ୟାଙ୍କରୁ ସେବା ନିବୃତ୍ତ ।

# ପଖାଳଖିଆ ଜଗାକାଳିଆ

SRUJAN
The Creativity Journal
Srujan ISSN 2976-9329

**ଜୟଶ୍ରୀ ନନ୍ଦ**

ବଡ଼ଘର ବଡ଼ ଗୁମର କଥା
ବଡ଼ ପଣେ ସେ ତ ବଡ଼ଦେବତା,
କୋଟି ଓଡ଼ିଆର ମଉଡ଼ ମଣି,
କେ ନ ଜାଣେ ତାର ସେ ବଡ଼ ଠାଣି ।

ମାନବୀୟ ଲୀଳା କରେ କାଳିଆ
କାଳିଆ ବି ମୋର ପଖାଳ ଖିଆ,
କଥାରେ କହନ୍ତି ସତେ ଓଡ଼ିଆ
ଓଡ଼ିଆ ଅଟନ୍ତି ପଖାଳ ଖିଆ ।

ପଖାଳରେ ଭାରି ଶରଧା ତାର,
ପଖାଳ ଖାଏ ଯେ ବଡ଼ ଠାକୁର ।
କେତେବେଳେ ଭାସେ ପଖାଳେ ଘିଅ
ପଖାଳ ଖିଆ ପା ଆମରି ଦିଅଁ ।

ନିଦ ଆସେ ନାହିଁ ଚକା ଆଖିକୁ
ପଖାଳ ଖାଇ ସେ ଯାଏ ଶେଯକୁ ।
ବଡ଼ଖିଆ ପରା  କଳା ଠାକୁର
ପଖାଳ ଖାଏ ସେ କେତେ ପ୍ରକାର ।

ସୁବାସ ପଖାଳ, ଦହିପଖାଳ
ଚୁପୁଡ଼ା ପଖାଳ, ମିଠା ପଖାଳ
ପାଣି ପଖାଳ ତ ମଲ୍ଲି ପଖାଳ
ଘିଅ ପଖାଳରେ  ଶରଧା ତାର ।

ସୁଗନ୍ଧିତ ଅନ୍ନେ ପାଣି ମିଶାଇ
ଅଦାକଟା ଭଜା ଜିରା ପଡ଼ଇ,
ସୁବାସପଖାଳ କାଳିଆ ପାଇଁ
ଏତେ ଯତନରେ ପରଷା ହୋଇ ।

ପ୍ରସାଦ ଲାଗଇ କାଳିଆ ଆଗେ
ତାକୁ କି ଅଜଣା ସୁଆଦ ତେବେ
ବଡ଼ଖିଆ ସେ ତ ବଡ଼ଠାକୁର
ବଡ଼ଖିଆ ପୁଣି ନାମଟି ତାର ।

ଚୁପୁଡ଼ାପଖାଳ, ଚୁପୁଡ଼ାହୁଏ
ମାଟି କୁଡୁଆରେ ପରଷା ଯାଏ
ଭଜା ଜିରା ଦହି  ସାଥିରେ ଲୁଣ
କେ ନଜାଣେ ତାର ଖାଇବା ଗୁଣ ।

ଷାଠିଏ ପଉଟି କାଳିଆ ଖାଏ
ବଡ଼ଖିଆ ବୋଲି ବଡ଼ ଦେଖାଏ,
ସାଧା ସିଧା ଖାଦ୍ୟେ ଲୋଭ ତାହାର
ପାଣିପଖାଳରେ ଶରଧା ଯାର ।

ସାଧା ଅନ୍ନରେ ଯେ ପାଣି ମିଶାଇ
ଲୁଣ ପଡ଼ିଥାଏ ସ୍ୱାଦାନୁଯାୟୀ ,
କାଳିଆ ଆଗରେ ପରଷା ଯାଏ
କାଳିଆ ନୁହେଁତ ଓଡ଼ିଆ ସିଏ ।

ଶୁଖିଲା ଅନ୍ନରେ ଦହି ଗୋଳାଇ
ଦହି ମାତ୍ରାଟିକେ ଅଧିକ ଦେଇ,
ଭଜାଜିରା ସାଥେ ଅଦା ପକାଇ
ଦହିପଖାଳଟି ପରଷା ଯାଇ ।

ରସିକ ପଣରେ ରସନାଗର
ଖାଇବା ସଉକ ସାଆନ୍ତଙ୍କର
ପଖାଳ ପରଷା ହୁଅଇ ଯେବେ
ନିଦଟି ହୁଅଇ ଜଗାକୁ ତେବେ ।

ଧଳାଗୁଡ଼ ଅବା ଖଣ୍ଡ ପକାଇ
ସାଧା ଅନ୍ନ ଯେବେ ରନ୍ଧାହୁଅଇ
ଖଣ୍ଡ ଅଦା ଭଜା ଜିରାର ସଙ୍ଗେ
ମିଠାପଖାଳଟି ବଢ଼ା ତା ଆଗେ ।

ପଖାଳରେ ମଲ୍ଲିଫୁଲ ପକାଇ
ମଲ୍ଲିଫୁଲ ପଖାଳ କାଳିଆ ଖାଇ,
ସଉକ ଜାଣଇ ନନ୍ଦର ବଳା
ସେଥିପାଇଁ ପରା ଷୋହଳକଳା ।

ଘିଅପଖାଳ ଯେ କାଳିଆ ଖାଏ
କଦଳୀ ଭଜାଟି ସାଙ୍ଗରେ ଥାଏ,
ବଡ଼ସିଂହାର ବା ପହୁଡ଼ ଆଗେ
ପଖାଳ ପରଷା ହୁଅଇ ତେବେ ।

ସାଧାଅନ୍ନେ ଦହି ଅଦା ଓ ଜିରା
ଲୁଣ ସାଥେ ଥାଏ ଘିଅଟି ପରା,
ପଖାଳ ଖାଇଲେ ନିଦଟି ଆସେ
ପଖାଳ ଖାଇକି କାଳିଆ ହସେ ।

କାଳିଆ ଆମର ବଡ଼ବଢ଼ିଆ
ତା ନାମେ ଲଗାଇ କଥାଟି କୁହା
ତୋ ବାପା ଖାଇଥିଲା ପଖାଳେ ଘିଅ
ମୋ କାଳିଆ ହେଉଛି ଓଡିଆ ପୁଅ (ଓଡିଆ ଦିଅଁ) ।

ଓଓଓ

# ଅଦେଖା ସମ୍ରାଟ

Srujan ISSN 2976-9329

**ଜୟଶ୍ରୀ ନନ୍ଦ**

ଫୁଲର ରଙ୍ଗରେ ଗୁଣ ମହକରେ
ସବୁଠି ତୁମରି ଅଦେଖା ସ୍ୱାକ୍ଷର,
ତୁମେ ହିଁ ଏହି ବର୍ଣ୍ଣାଢ୍ୟ ଦରବାରେ
ମୋହରି ଅନ୍ତରରେ ଲୁଚିଥିବା
ଅଦେଖା ସମ୍ରାଟ ।

ମୁଁ ଏକ ଚିତ୍ରପଟ
ତୁମ ମନକାନ୍ଥରେ ଅହରହ ଝୁଲେ,
ତୁମେ ଯେଣୁ ମୋତେ
ଶୂନ୍ୟରୁ ନେଇଛ ତୋଳି
ମଧୁକ୍ଷରା ଅଙ୍କୁଶ ଲଗାଇ ।

ଶୂନ୍ୟତାର ଛାଇରେ ବିଛେଇ ଦେଇ
ପ୍ରାଣର ଐଶ୍ୱର୍ଯ୍ୟ,
ନିଃସ୍ୱ ସତ୍ତାରେ ତୁମେ ଶକ୍ତିର ତରଙ୍ଗ

ଯେଣୁ ଦେଇଛ ଖେଳାଇ ।
ମୁଁ ଏମିତି ଆସୁଥିବି
ତୁମ ପାଖକୁ ଜନ୍ମ ଜନ୍ମାନ୍ତର
କେବେ ନିଜ କେବେ ପର ହୋଇ
ତୁମ ହାତେ ଜୀବନ୍ୟାସ ପାଇବା ପାଇଁ ।

ସଦା ସର୍ବଦା ଆସୁଥିବି ନିଃସର୍ତ୍ତରେ
ହଂସଲୋକ ଆଲୋକରେ ସ୍ନାନ କରି,
ତୁମ ଆତ୍ମୀୟତାରେ
ତୁମ ଆଲିଙ୍ଗନରେ ମଣ୍ଡିତ ହୋଇବି
ତୁମ ଦିବ୍ୟ ଇଙ୍ଗିତରେ ।

ଶ୍ୟାମଳ ସଂଗୀତ ଶୁଣି
ମୁହୂର୍ତ୍ତକେ ହୋଇବି ବିଲୀନ,
ଭୁଲିଯିବି ଦେହଠାରୁ ମନ ଅବା
ମନଠାରୁ ଦେହର ଦୂରତା ।

ଭୁଲିଯିବି ଅତୀତ ଅସହାୟତାର ସ୍ୱପ୍ନ
ଯେତେ ମୋର ମନ ଅଧୀରତା,
ଆତ୍ମାର ଭୟକୁ ମୋର ଖୋଜିବନି
ଅପହଞ୍ଚ ସମୟ ଛାତିରେ ।

ଅବିରତ ପ୍ରବାହିତ ତୁମ ପ୍ରୀତିର ସ୍ରୋତରେ
ଖାସ୍ ତୁମରି ସ୍ୱପ୍ନକୁ ସାର୍ଥକ କରିବା ପାଇଁ
ମୁଁ ରହୁଥିବି ଅନୁକୂଳ ଗତି ହୋଇ
ସାଧାରଣ ନାରୀଠାରୁ ଅନେକ ଉର୍ଦ୍ଧ୍ୱରେ ।

ତୁମେ ମୋ ଜୀବନର ଆଶାବାଡ଼ି
ସ୍ୱପ୍ନର ମାପକାଠି ନୁହେଁ,
ତୁମେ ପୁଣି ଜୀବନର ସାର୍ଥକତା
ବଞ୍ଚିବାର ସମର୍ଥନଟିଏ ।
ଓଓଓ

# ଭାବର ଠାକୁର

SRUJAN
The Creativity Journal
Srujan ISSN 2976-9329

**ଜୟଶ୍ରୀ ନନ୍ଦ**

ବନ୍ଧୁ ବୋଲି ଭାବି ବନ୍ଧୁତା କରିଛି
ଭାବ କରିଛି ତୋ ସାଥେ,
ବଡ଼ବୋଲି ତୁହି ବଡ଼ିମା ଦେଖାଇ
ଭୁଲି ଯାଉ ସିନା ମୋତେ ।

ବରଷକେ ହେଉ ହେଉ ବର୍ଷାଧିକ
ଆସଇ ମୁଁ ତୋ ପାଖକୁ
ବଡ଼ପଣ ତୋର ପାଏ କିବା ଶୋଭା
ଭୁଲି ମୋ ବନ୍ଧୁ ଭାବକୁ ।

ହାତ ଦୁଇ ମୋର କରୁଥାଉ କାମ
ଅବିରତ ଦିନ ରାତି
ତୋ ସେବାରେ ଲାଗି ବନ୍ଧୁର କର୍ତ୍ତବ୍ୟ
କରୁଥାଏ ମୁହିଁ ନିତି ।

ଏବେ ଭୁଲି ଗଲେ ଭୁଲିଯା କାଳିଆ
କରିବିନି ଊଣା ମନ,
ଥରୁଟିଏ ଦେଖା ଦେବୁରେ କାଳିଆ

ଯେବେ ଯିବ ପିଣ୍ଡୁ ପ୍ରାଣ ।
ହେ ମହାବାହୁ !
ꝏꝏꝏ

**ଡ. ଜୟଶ୍ରୀ ନନ୍ଦ ।** ଆମରଷାମ୍, ବକିଂହାମସାୟାର, ୟୁନାଇଟେଡ୍ କିଙ୍ଗଡମ୍ । ଜଗନ୍ନାଥ ଓ ଓଡ଼ିଆ ରୀତିନୀତିକୁ ଭଲ ପାଆନ୍ତି ଓ ସେସବୁର ପ୍ରଚାର ପ୍ରସାର ପାଇଁ ତତ୍ପର । ଓଡିଆ ଭକ୍ତି କବିତାରେ ରୁଚି ରଖନ୍ତି । ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖନ୍ତି ।  ପଲ୍ଲୀ ଜୀବନକୁ ଖୁବ୍ ଭଲ ପାଉଥିବାରୁ  ସ୍ମୃତି ଅନୁଭୂତିକୁ ନେଇ ଗାଁର ଚଳଣି ପରମ୍ପରା ଓଡିଆ ଘରର ସଂସ୍କୃତି, ପାରମ୍ପରିକ ଖାଦ୍ୟ ଉପରେ ତାଙ୍କର ଅନେକ ଲେଖା ପ୍ରକାଶିତ । ପ୍ରକାଶିତ ପୁସ୍ତକ: ପ୍ରଥମ ଅର୍ଘ୍ୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

# Emotions:
# Puri Rath Yatra 2024

Srujan ISSN 2976-9329

Saroj Kar



.






















FIRE SERVICE
PROZIT











.

∞∞∞

Each year, millions of people visit Puri to participate in the Rath Yatra of Lord Jagannath. The Lord along with his brother Lord Bhalabhadra and sister Subhadra, visits His aunt in three chariots, and in the process, comes close to his devotees. Emotions of pure joy of being there and participating in the festival pervade the atmosphere. Here are just a few moments captured during the Rath Yatra 2024.

∞∞∞

**Saroj Kar** is an established photographer in Bhubaneswar. He is the creative director of GenX studios. Besides still photography, he is an erudite cinematographer and has received many laurels for his short films and documentaries featuring Odishi dance, culture, fauna and flora of Odisha.

# Book review

Srujan ISSN 2976-9329




**ଗ୍ରନ୍ଥ**: ଲୁପ୍ତପ୍ରାୟ ଲୋକସଂସ୍କୃତି, **ଲେଖକ:** ଡକ୍ଟର ଅଜୟ କୁମାର ମିଶ୍ର, **ପ୍ରକାଶକ**-ଗୌତମ ବଳିୟାର ସିଂହ, 'ଅକ୍ଷର', କଲ୍ୟାଣୀନଗର, କଟକ, ୭୫୩୦୧୩, ଓଡ଼ିଶା ।

ଲୁପ୍ତପ୍ରାୟ ଲୋକସଂସ୍କୃତି ଗ୍ରନ୍ଥଟି ଲୋକସଂସ୍କୃତିବିତ୍, ଗବେଷକ ତଥା କାରିଗର ଡକ୍ଟର ଅଜୟ କୁମାର ମିଶ୍ରଙ୍କର ଓଡ଼ିଆ ଲୋକସଂସ୍କୃତି କ୍ଷେତ୍ରରେ ସଂପୂର୍ଣ୍ଣ ଭାବେ ଅନନ୍ୟ ଗ୍ରନ୍ଥ । ଡକ୍ଟର ମିଶ୍ର ଜଣେ ସେବାନିବୃତ୍ତ ସହଯୋଗୀ ପ୍ରଫେସର୍, ଗବେଷକ, ଲେଖକ, ଶିଳ୍ପୀ, କାରିଗର । ଲୁପ୍ତପ୍ରାୟ ଲୋକସଂସ୍କୃତି ଗ୍ରନ୍ଥଟି ତାଙ୍କ କଳାକାରିଗରୀ ଓ ସର୍ଜନ କର୍ମର ଅସାଧାରଣ ଯୌଥସମ୍ପଦ, ଶାରୀରିକ ଓ ମାନସିକ ସର୍ଜନର ମିଶ୍ରସାଧନ । ଡକ୍ଟର ମିଶ୍ରଙ୍କ କାରିଗରୀ କୌଶଳରେ ସେ ଓଡ଼ିଶାର ପାରମ୍ପରିକ ବ୍ୟାବହାରିକ ଜୀବନରୁ କ୍ରମଶଃ ଅପସରି ଯାଇଥିବା ଓ ଯାଉଥିବା ଅନେକ ଲୋକଉପକରଣର କ୍ଷୁଦ୍ରତମ ଆକୃତି ନିଜ ହାତରେ ଗଢ଼ିଛନ୍ତି ଓ 'ମିଶ୍ରଶାଳ' ନାମକ ତାଙ୍କ ସଂରକ୍ଷଣାଗାରରେ ଏଗୁଡ଼ିକୁ ସାଇତି ରଖିଛନ୍ତି । ପ୍ରତ୍ୟେକ ଗଢ଼ଣକୁ ପରିଚିତ କରିବା ପାଇଁ ସେ ବସ୍ତୁର ଆତ୍ମପରିଚୟ କ୍ରମରେ ଅତି ସହଜ ଓ ସରଳ ଭାଷାରେ ଗୋଟିଏ ଲେଖାଏଁ ଗୀତ ରଚନା କରିଛନ୍ତି ।

ବସ୍ତୁ ଗଢ଼ିବାରେ ଲାଗୁଥିବା ଆବଶ୍ୟକ କଂଚାମାଲ, ଏଗୁଡ଼ିକର ତିଆରି ପ୍ରଣାଳୀ ତଥା ବ୍ୟବହାର ସଂପର୍କରେ ସହଜ ଗଦ୍ୟରେ ସଂକ୍ଷିପ୍ତ ଆଲୋଚନା କରିଛନ୍ତି । ଫଳରେ ଜଣେ ସାଧାରଣ ପାଠକ ସଂଶିତ ଗ୍ରନ୍ଥରେ ଏକ ସମୟରେ ପୁରୁଣା ଉପକରଣ, ଏଗୁଡ଼ିକର ତିଆରି ପ୍ରଣାଳୀ, ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଅତି ସହଜରେ ସାଧାରଣ ଧାରଣା ପାଇପାରିବେ । ଚଳନ୍ତି ପିଢ଼ି ଓ ଆଗାମୀପିଢ଼ିଙ୍କ ପାଇଁ ତେଣୁ ସଂଶିତ ଗ୍ରନ୍ଥଟି ଏକ ପ୍ରକାରର ଦିଗବାରେଣି । ଅତୀତରେ ବ୍ୟବହୃତ ହେଉଥିବା ଜିନିଷ ଓ ଏଗୁଡ଼ିକ ସହିତ ସଂପୃକ୍ତ ଓଡ଼ିଆ ଶବ୍ଦ ସହିତ ପରିଚିତ ହେବେ ଓ ସଂଗ୍ରହ ମଧ୍ୟ କରିପାରିବେ । ଅତୀତର ଆଲୋକାୟନରେ ଗ୍ରନ୍ଥଟି ବିଶେଷ ଗୁରୁତ୍ୱ ବହନ କରେ । ଏ ଯାବତ୍ ଓଡ଼ିଶାରେ ଏହା ହେଉଛି ସର୍ବପ୍ରଥମ ଗ୍ରନ୍ଥ ।

# Srujan: The Creativity Journal
# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

ISSN 2976-9329

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ) **ISSN 2976-9329]** is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted. Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

### Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Minimum 3 and up to 5 short poems can be submitted. Shorter poems with less than 20 lines are better.

**Short stories:** Only one short story can be submitted at a time, preferably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher and address: 4. Publication place: 5. Publication year: 6. Book availability: 7. Any Internet link to order the book and 8. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Any link to order the magazine; 7. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.

---

## Template / Checklist for submission

**Author contact details:** Author name / Address: place, State/Country, / Email / Phone (not to be published)

**Author biography** (50-100 words) Please provide it in a paragraph. Examples of content (not mandatory) to include: Medium of creative expression, Education, Work, Leisure work, Published book titles, Recognitions / awards, Few lines about your creativity, Few lines about yourself

**Title of article**

**Content of the article**

Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

## Quality of Life Research and Development Foundation

Quality of Life Research and Development Foundation (QoLReF) is involved in improving Quality of Life through Evidence Based Methods. Its mission statement is: “Improving Life through Evidence and Experience.”

The Foundation is a conglomerate of various disciplines involved in research and developmental activities to improve the 'Quality of Life'. It brings together the scientific and socio-cultural understandings to the awareness and utility of the public. Experts from various disciplines support the activities of the QoLReF. The foundation, through interactive ways helps in sharing the knowledge and experience improving the quality of life in general. It is registered as a charity organization, with scientific, sociocultural and service oriented objectives.

.

## The Institute of Insight, UK
## [A non-profit organisation]

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.